Bhubaneswar, Tuesday, October 06, 2026
ଭୁବନେଶ୍ୱର, ମଙ୍ଗଳବାର,ଅକ୍ଟୋବର ୦୬, ୨୦୨୬
Vol-01, Issue-149
ବର୍ଷ-୦୧, ସଂଖ୍ୟା -୧୪୯


# ପ୍ରତିଶବ୍ଦ
# THE PRATISHABDA


www.pratishabda.com
Email : pratishabda7@gmail.com


Also Available In : YouTube



୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୭୯୨୭୦୧୦୦୭


## ନୂଆ ରୂପରେ 'କଳିଙ୍ଗ ଷ୍ଟୁଡିଓ'



ଭୁବନେଶ୍ୱର,୫/୧୦ : ଓଡ଼ିଆ ସିନେମାର ଗୌରବଜ୍ଜଳ ଅତୀତକୁ ପୁନର୍ଜୀବିତ କରିବା ଏବଂ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜଧାନୀ ଭୁବନେଶ୍ୱରରେ ନବକଳେବର ପ୍ରାପ୍ତ ଅତ୍ୟାଧୁନିକ 'କଳିଙ୍ଗ ଷ୍ଟୁଡିଓ'ର ଆଜି ଭବ୍ୟ ଲୋକାର୍ପଣ ହୋଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପୁନର୍ବିକଶିତ ଓ ନବୀକୃତ ବିଶ୍ୱସ୍ତରୀୟ ଷ୍ଟୁଡିଓକୁ ଲୋକାର୍ପିତ କରିଛନ୍ତି। ଏହା ସହିତ ସିନେମା ଐତିହ୍ୟର ସୁରକ୍ଷା ପାଇଁ କଳିଙ୍ଗ ଷ୍ଟୁଡିଓରେ ନିର୍ମିତ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମର ମଧ୍ୟ ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏଣିକି ଓଡ଼ିଆ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ବୈଷୟିକ କାର୍ଯ୍ୟ ପାଇଁ ଆଉ ଅନ୍ୟ ରାଜ୍ୟମୁହାଁ ହେବାକୁ ପଡିବ ନାହିଁ। ଏଥିରେ ଅନେକ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଇଛି। ଆଗାମୀ ଦିନରେ ଆହୁରି ଅନେକ ଅତ୍ୟାଧୁନିକ ସୁବିଧାର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅତ୍ୟାଧୁନିକ ସୁବିଧାରେ ସଜ୍ଜିତ ନୂତନ କଳିଙ୍ଗ ଷ୍ଟୁଡିଓ ବଦଳୁଥିବା ସମୟ ଏବଂ ଡିଜିଟାଲ ଯୁଗର ଆବଶ୍ୟକତା ଆଖି ଆଗରେ ରଖି କଳିଙ୍ଗ ଷ୍ଟୁଡିଓକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଇକୋସିଷ୍ଟମ ଭାବେ ବିକଶିତ କରାଯାଇଛି। ଏଠାରେ ଇନ୍‌ଡୋର୍ ଶୁଟିଂ ଫ୍ଲୋର୍, ସ୍ନୋ-ହାଉସ୍, କ୍ରୋମା ଫ୍ଲୋର, ଟେକ୍-ଜୋନ୍, ସାଉଣ୍ଡ ରେକର୍ଡିଂ, ଡବିଂ, ଏଡିଟିଂ ଏବଂ ପୋଷ୍ଟ-ପ୍ରଡକ୍ସନ୍ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ଚଳଚ୍ଚିତ୍ର ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ଏକ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମ ମଧ୍ୟ ସ୍ଥାପନ କରାଯାଇଛି, ଯେଉଁଠାରେ ପୁରୁଣା ଫିଲ୍ମ, ପୋଷ୍ଟର, ଫଟୋଗ୍ରାଫ୍ ଏବଂ ଐତିହାସିକ ଦଲିଲଗୁଡିକୁ ସଂରକ୍ଷିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟୁଡିଓ ଏବଂ ଓଡ଼ିଆ ସିନେମାର ପୁରୁଣା ଇତିହାସକୁ ସ୍ମରଣ କରିଥିଲେ। ସେ କହିଥିଲେ ଯେ, ପଚାଶ ଓ ଷାଠିଏ ଦଶକରେ 'ମା', 'ଅମଡାବାଟ', 'ମାଟିର ମଣିଷ' ପରି କାଳଜୟୀ ଚଳଚ୍ଚିତ୍ରଗୁଡିକ ଓଡ଼ିଆ ସାହିତ୍ୟ ସହିତ ସିନେମାର ଏକ ଅନ୍ତରଙ୍ଗ ସମ୍ପର୍କ ସ୍ଥାପନ କରିଥିଲା। ଓଡ଼ିଶାରେ ସିନେମା ନିର୍ମାଣ କରିବା ପାଇଁ ୧୯୮୦ ସମିହାରେ କଳିଙ୍ଗ ଷ୍ଟୁଡିଓ ପ୍ରତିଷ୍ଠା ହୋଇଥିଲେ ମଧ୍ୟ, ସମୟକ୍ରମେ ପ୍ରାକୃତିକ ବିପର୍ଯ୍ୟାୟ ଏବଂ ପ୍ରଯୁକ୍ତିବିଦ୍ୟାରେ ଆସିଥିବା ଦ୍ରୁତ ପରିବର୍ତ୍ତନ କାରଣରୁ ଏହାର ନବୀକରଣ ଅନିବାର୍ଯ୍ୟ ହୋଇପଡିଥିଲା। ରାଜ୍ୟର ପ୍ରତିଭାବାନ ଯୁବପିଢିଙ୍କ ପ୍ରତି ଗଭୀର ଆଶା ପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଯୁବବର୍ଗ ଅଭିନୟ, ନିର୍ଦ୍ଦେଶନା, ସିନେମାଟୋଗ୍ରାଫି, ଆନିମେସନ୍, ସାଉଣ୍ଡ ଡିଜାଇନ୍ ଏବଂ ଡିଜିଟାଲ୍ ପ୍ଲାଟଫର୍ମ ପାଇଁ କାହାଣୀ ଲେଖିବାରେ ବେଶ୍ ଆଗୁଆ ଅଛନ୍ତି। କଳିଙ୍ଗ ଷ୍ଟୁଡିଓ ସେମାନଙ୍କ ସ୍ୱପ୍ନକୁ ସାକାର କରିବାର ଏକ ପ୍ରମୁଖ ମାଧ୍ୟମ ପାଲଟିବ। ନିଜର ମୌଳିକ କାହାଣୀ, ଲୋକକଥା, ଇତିହାସ ଏବଂ ସାଂସ୍କୃତିକ ପୃଷ୍ଠଭୂମିକୁ ଆଧାର କରି ସିନେମା ନିର୍ମାଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ଲୋକାର୍ପଣ ଅବସରରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହାର ରୂପାନ୍ତରଣ ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ମତବ୍ୟକ୍ତ କରିଛନ୍ତି। ପୁନଃବିକଶିତ କଳିଙ୍ଗ ଷ୍ଟୁଡିଓକୁ ଏକ ଅତ୍ୟାଧୁନିକ ଫିଲ୍ମ ଷ୍ଟୁଡିଓ କମ୍ପ୍ଲେକ୍ସ ଭାବରେ ବିକଶିତ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ଏଠାରେ ଚଳଚ୍ଚିତ୍ରର ପ୍ରଡକ୍ସନ୍ ଠାରୁ ଆରମ୍ଭ କରି ପୋଷ୍ଟ-ପ୍ରଡକ୍ସନ୍ ପର୍ଯ୍ୟନ୍ତ ସମସ୍ତ ଆବଶ୍ୟକତା ପୂରଣ କରିବାର ସୁବିଧା ରହିଛି। ଚଳଚ୍ଚିତ୍ର ଶିଳ୍ପ କେବଳ ମନୋରଞ୍ଜନର କ୍ଷେତ୍ର ନୁହେଁ, ବରଂ ଏହା ଏକ ବିଶାଳ ଆର୍ଥିକ ଇକୋସିଷ୍ଟମ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଡଂରଓଡ)ର ନୂତନ ଅଫିସିଆଲ ପୋର୍ଟାଲକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉନ୍ମୋଚିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ଦିଗପହଣ୍ଡି ବିଧାୟକ ଶ୍ରୀ ସିଦ୍ଧାନ୍ତ ମହାପାତ୍ର, କୋରେଇ ବିଧାୟକ ଶ୍ରୀ ଆକାଶ ଦାସ ନାୟକ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ଏବଂ କଳିଙ୍ଗ ଷ୍ଟୁଡିଓର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



## ଚଳିତ ବର୍ଷ ହେବ ଛାତ୍ର ସଂସଦ ନିର୍ବାଚନ
### ଅକ୍ଟୋବର ୧୫ରେ ମତଦାନ ଓ ଫଳାଫଳ






ଭୁବନେଶ୍ୱର,୫/୧୦ : ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ଆଜି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୀର୍ଘ ବର୍ଷର ବିରତି ପରେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଯାଉଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଅକ୍ଟୋବର ୭ ତାରିଖରେ ସମ୍ପୃକ୍ତ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ନିଜ ନିଜ ନିର୍ବାଚନ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରିବେ। ଅକ୍ଟୋବର ୯ ତାରିଖ ସକାଳ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଆଶାୟୀ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିପାରିବେ। ସେହିଦିନ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଯାଞ୍ଚ କରାଯିବ ଏବଂ ସନ୍ଧ୍ୟା ୫ଟାରେ ବୈଧ ନାମାଙ୍କନପତ୍ରର ତାଲିକା ପ୍ରକାଶ ପାଇବ। ଅକ୍ଟୋବର ୧୦ ତାରିଖ ସକାଳ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ। ସେହିଦିନ ଅପରାହ୍ନ ୩ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଅକ୍ଟୋବର ୧୪ ତାରିଖରେ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ 'ମୁଁ କାହିଁକି ନିର୍ବାଚନ ଲଢୁଛି' ଶୀର୍ଷକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅକ୍ଟୋବର ୧୫ ତାରିଖ ସକାଳ ୮ଟାରୁ ଦିନ ୨ଟା ପର୍ଯ୍ୟନ୍ତ ମତଦାନ ହେବ। ମତଦାନ ଶେଷ ହେବା ପରେ ସେହିଦିନ ହିଁ ଭୋଟ ଗଣତି କରାଯାଇ ନିର୍ବାଚନ ଫଳାଫଳ ପ୍ରକାଶ କରାଯିବ। ଅକ୍ଟୋବର ୧୬ ତାରିଖରେ ବିଜୟୀ ପ୍ରାର୍ଥୀମାନଙ୍କର ଶପଥ ପାଠ କାର୍ଯ୍ୟକ୍ରମ ହେବ। ଛାତ୍ର ସଂସଦ ନିର୍ବାଚନ ପୁନର୍ବାର ଆରମ୍ଭ ହେବା ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଆଜିର ଛାତ୍ରଛାତ୍ରୀ ହେଉଛନ୍ତି ଆସନ୍ତାକାଲିର ଓଡ଼ିଶାର ନେତୃତ୍ୱ। ଦୀର୍ଘ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ପୁନର୍ବାର ଏହାକୁ ଆରମ୍ଭ କରିଛନ୍ତି। ଏହା କେବଳ ନିର୍ବାଚନର ପୁନରାଗମନ ନୁହେଁ, ବରଂ ଯୁବପିଢ଼ିଙ୍କୁ ଗଣତନ୍ତ୍ର, ଦାୟିତ୍ୱ ଓ ନେତୃତ୍ୱର ପ୍ରାୟୋଗିକ ଅନୁଭବ ଦେବାର ଏକ ନୂଆ ଅଧ୍ୟାୟ। ଆଜିର ଯୁବଶକ୍ତିକୁ ଆସନ୍ତାକାଲିର ଦାୟିତ୍ୱବାନ ନେତୃତ୍ୱରେ ପରିଣତ କରିବା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ସେ କହିଛନ୍ତି। ଏହି ନିର୍ବାଚନର ସୁପରିଚାଳନା ନେଇ ଆଜି ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଅରବିନ୍ଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳସଚିବ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଏବଂ ମହାବିଦ୍ୟାଳୟଗୁଡ଼ିକର ଅଧ୍ୟକ୍ଷମାନେ ବୈଠକରେ ଯୋଗ ଦେଇଥିଲେ। ବୈଠକରେ ଶ୍ରୀ ଅଗ୍ରୱାଲ ନିର୍ବାଚନର ସମୟସାରଣୀ ଓ ନିୟମାବଳୀ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ନିୟମ ଅନୁଯାୟୀ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀ ନିର୍ବାଚନରେ ପ୍ରାର୍ଥୀ ହେବା ସହ ମତଦାନ କରିପାରିବେ। ନିର୍ବାଚନରେ ଅଂଶଗ୍ରହଣ ପାଇଁ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କର ଛାତ୍ର ପରିଚୟ ସଂଖ୍ୟା ରହିବା ଆବଶ୍ୟକ। ଦୂରଶିକ୍ଷା କିମ୍ବା ସରକାରୀ-ବେସରକାରୀ ସହଭାଗିତା ପଦ୍ଧତିରେ ଚାଲୁଥିବା ସ୍ୱୟଂ ଅର୍ଥପୋଷିତ ପାଠ୍ୟକ୍ରମର ଛାତ୍ରଛାତ୍ରୀ ନିର୍ବାଚନରେ ଅଂଶ ନେଇପାରିବେ ନାହିଁ। ତେବେ ଛାତ୍ର ପ୍ରବେଶ ପଦ୍ଧତି ମାଧ୍ୟମରେ ସ୍ୱୟଂ ଅର୍ଥପୋଷିତ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ନିର୍ବାଚନରେ ପ୍ରାର୍ଥୀ ହେବା ସହ ମତଦାନ କରିପାରିବେ। ସ୍ନାତକ ପାଠ୍ୟକ୍ରମର ପ୍ରାର୍ଥୀଙ୍କ ବୟସ ୧୭ରୁ ୨୨ ବର୍ଷ ମଧ୍ୟରେ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମର ପ୍ରାର୍ଥୀଙ୍କ ବୟସ ସର୍ବାଧିକ ୨୫ ବର୍ଷ ହୋଇଥିବା ଆବଶ୍ୟକ। ପ୍ରାର୍ଥୀ ହେବା ପାଇଁ ଶ୍ରେଣୀଗୃହ ଉପସ୍ଥାନ ସର୍ବନିମ୍ନ ୭୫ ପ୍ରତିଶତ ରହିବା ଦରକାର। ଏଥିସହ ପ୍ରାର୍ଥୀଙ୍କ ବିରୋଧରେ କୌଣସି ଅପରାଧିକ ଅଭିଲେଖ ରହିବା ଉଚିତ ନୁହେଁ। ନିର୍ବାଚନ ପ୍ରଚାରରେ ପ୍ରତ୍ୟେକ ପ୍ରାର୍ଥୀ ସର୍ବାଧିକ ୫ ହଜାର ଟଙ୍କା ଖର୍ଚ୍ଚ କରିପାରିବେ। ନିର୍ବାଚନ ଫଳାଫଳ ପ୍ରକାଶର ଦୁଇ ସପ୍ତାହ ମଧ୍ୟରେ ପ୍ରତ୍ୟେକ ପ୍ରାର୍ଥୀ ନିଜ ପ୍ରଚାର ଖର୍ଚ୍ଚର ପ୍ରମାଣପତ୍ର ସମ୍ପୃକ୍ତ ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାଖଲ କରିବେ।

## ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରର ହେଲା ପୁନଃ ପ୍ରତିଷ୍ଠା: ବିରଞ୍ଚି ନାରାୟଣ ତ୍ରିପାଠୀ



ଭୁବନେଶ୍ୱର,୫/୧୦ : ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ପୁଣି ଥରେ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ବିଧିବଦ୍ଧ ନୋଟିଫିକେସନ ଜାରି କରାଯିବା ପରେ ରାଜ୍ୟର ଯୁବ ଓ ଛାତ୍ର ସମାଜ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପ୍ରକାଶ ପାଇଛି। ଏହି ଐତିହାସିକ ନିଷ୍ପତ୍ତି ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ସମଗ୍ର ଓଡ଼ିଶାର ଯୁବ ଓ ଛାତ୍ର ସମାଜ ପକ୍ଷରୁ ହାର୍ଦ୍ଦିକ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରାଯାଇଛି।

ଗତ ଆଠ ବର୍ଷ ଧରି ଛାତ୍ରସଂସଦ ନିର୍ବାଚନ ବନ୍ଦ ରହିବା ଦ୍ୱାରା କ୍ୟାମ୍ପସଗୁଡ଼ିକରେ ନେତୃତ୍ୱ ବିକାଶର ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା। ଚଳିତ ବର୍ଷର ନିର୍ବାଚନ ଦ୍ୱାରା ଛାତ୍ରମାନଙ୍କର ଗଣତାନ୍ତ୍ରିକ ଚେତନା ଜାଗ୍ରତ ହେବ, କ୍ୟାମ୍ପସଗୁଡ଼ିକରେ ପାଠପଢ଼ା ସହ ସୁସ୍ଥ ଗଣତାନ୍ତ୍ରିକ ପରିବେଶ ଏବଂ ଛାତ୍ର ନେତୃତ୍ୱର ସୃଷ୍ଟି ହୋଇପାରିବ। ଦୀର୍ଘ ୮ ବର୍ଷ ପରେ ଓଡିଶାର ଛାତ୍ରଛାତ୍ରୀମାନଙ୍କୁ ତାଙ୍କର ଗଣତାନ୍ତ୍ରିକ ଅଧିକାର ମିଳିଛି। କଥା ଦେଇ କଥା ରଖିବାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ବିଗତ ଦିନରେ ବିଭିନ୍ନ ସାର୍ବଜନୀନ କାର୍ଯ୍ୟକ୍ରମରେ ଛାତ୍ରସଂସଦ ନିର୍ବାଚନ ପୁନଃ ପ୍ରତିଷ୍ଠା କରିବା ପାଇଁ ସେ ଦେଇଥିବା କଥାକୁ ଆଜି ସାକାର କରିଛନ୍ତି। ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରୀକ ଅଧିକାରର ହେଲା ପୁନଃ ପ୍ରତିଷ୍ଠା ହେଲା ବୋଲି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି।

ପୂର୍ବତନ ସରକାର ଛାତ୍ରମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ ଛଡ଼ାଇ ନେଇଥିବା ବେଳେ ଏବେ ନିର୍ବାଚନ ଘୋଷଣା ହେବା ପରେ ବିରୋଧୀ ଦଳଗୁଡ଼ିକ ଭୟଭୀତ ହୋଇ ମିଥ୍ୟା ସ୍ପଷ୍ଟୀକରଣ ଦେଉଛନ୍ତି। ଲିଙ୍ଗଡୋ କମିଶନଙ୍କ ମାର୍ଗଦର୍ଶିକା ଏବଂ ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ କ୍ୟାମ୍ପସର ଶୈକ୍ଷିକ ବାତାବରଣକୁ ବଜାୟ ରଖି ଅତ୍ୟନ୍ତ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ଏହି ନିର୍ବାଚନ ସମ୍ପନ୍ନ ହେବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

## ଭୁବନେଶ୍ୱରରେ 'ଜୀବନ ଜିନ୍ଦାବାଦ-୨.୦'ର ଶୁଭାରମ୍ଭ: ରାଜ୍ୟରୁ ନିଶା ମୂଳପୋଛ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ଆହ୍ୱାନ




ଭୁବନେଶ୍ୱର,୫/୧୦:ସ୍ଥାନୀୟ ରେଳ ଅଡିଟୋରିଅମଠାରେ କମିଶନରେଟ୍ ପୋଲିସ, ଆୟୋଜନ କରିଥିବା ଜନସଚେତନତା କାର୍ଯ୍ୟକ୍ରମ 'ଜୀବନ ଜିନ୍ଦାବାଦ- ୨.୦' ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟରୁ ନିଶାକୁ ମୂଳପୋଛ କରିବା ପାଇଁ ଦୃଢ଼ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କମିଶନରେଟ୍ ପୋଲିସର 'ନିଶାମୁକ୍ତ ଭାରତ' ସମ୍ବନ୍ଧୀୟ ଏକ ସ୍ୱତନ୍ତ୍ର ୱେବସାଇଟ୍ ?ର ଶୁଭାରମ୍ଭ କରିଥିଲେ।

ନିଶା କେବଳ ବ୍ୟକ୍ତିଗତ ଜୀବନକୁ ନୁହେଁ, ବରଂ ସମଗ୍ର ପରିବାର ଓ ସମାଜକୁ ବରବାଦ କରିଦେଉଛି ବୋଲି ମତପ୍ରକାଶ କରି ମୁଖ୍ୟମନ୍ତ୍ରୀ ରାଜ୍ୟସରକାରଙ୍କ ପକ୍ଷରୁ ନିଶା ବିରୁଦ୍ଧରେ 'ଜିରୋ ଟଲରେନ୍ସ' ନୀତି ଜାରି ରହିଥିବା ସ୍ପଷ୍ଟ କରିଛନ୍ତି।

ମାନବ ଜୀବନକୁ ଇଶ୍ୱରଙ୍କ ଏକ ଅମୂଲ୍ୟ ବରଦାନ ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜୀବନରେ ଯେତେ ବାଧାବିଘ୍ନ ଓ ବିଫଳତା ଆସିଲେ ମଧ୍ୟ ସେଗୁଡ଼ିକୁ ସାମ୍ନା କରି ଆଗକୁ ବଢ଼ିବା ହେଉଛି ପ୍ରକୃତ ଜୀବନ। ଗତବର୍ଷ ଆରମ୍ଭ ହୋଇଥିବା 'ଜୀବନ ଜିନ୍ଦାବାଦ' ଅଭିଯାନ ଆତ୍ମହତ୍ୟା ପ୍ରବୃତ୍ତିକୁ ରୋକିବାରେ ବଡ଼ ସଫଳତା ଦେଇଥିବାବେଳେ, ବର୍ତ୍ତମାନର 'ଜୀବନ ଜିନ୍ଦାବାଦ ୨.୦' ଯୁବବର୍ଗଙ୍କୁ ନିଶାରୁ ଦୂରେଇ ରଖି ଶିକ୍ଷା, କ୍ରୀଡ଼ା ଓ ସୃଜନଶୀଳତା ଆଡ଼କୁ ଆକର୍ଷିତ କରିବାର ଏକ ବ୍ୟାପକ ପ୍ରୟାସ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ରାଜ୍ୟର ପ୍ରତିଷ୍ଠିତ କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ 'ଜୀବନ ଜିନ୍ଦାବାଦ', 'ନିଶାମୁକ୍ତ ଯୁବସମାଜ ବିକଶିତ ଭାରତ' ଏବଂ ସଚେତନମୂଳକ ନାଟକ 'ଭୂତ ମଣିଷର ନିଶାକୁ ନା' ମଞ୍ଚସ୍ଥ ହୋଇଥିଲା। ଏହି ସମସ୍ତ ନାଟକ ଓ ନୃତ୍ୟ ପ୍ରଦର୍ଶନଗୁଡ଼ିକର ଭୂୟସୀ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ନାଟକଗୁଡ଼ିକରୁ ପ୍ରତ୍ୟେକେ ଜୀବନ ଜିଇଁବାର ପ୍ରକୃତ ଶିକ୍ଷା ନେବା ଉଚିତ।

ସାମ୍ପ୍ରତିକ ପରିସ୍ଥିତିରେ ଅଧିକାଂଶ ଜଘନ୍ୟ ଅପରାଧ ଓ ମହିଳା ହିଂସା ପଛରେ ନିଶା ସେବନ ମୁଖ୍ୟ କାରଣ ପାଲଟିଥିବା ନେଇ ଗଭୀର ଚିନ୍ତା ପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶରେ ପ୍ରତିବର୍ଷ କେବଳ ମଦ୍ୟପାନ କାରଣରୁ ପ୍ରାୟ ୨ ଲକ୍ଷ ୬୦ ହଜାରରୁ ୨ ଲକ୍ଷ ୮୦ ହଜାର ବ୍ୟକ୍ତିଙ୍କ ମୃତ୍ୟୁ ହେଉଛି। ମଦ୍ୟପାନ କରି ଗାଡ଼ି ଚଳାଇ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ତାଲିକାରେ ଓଡିଶା ଦ୍ୱିତୀୟ ସ୍ଥାନରେ ରହିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ସେ ସ୍ୱୀକାର କରିଛନ୍ତି। କେବଳ ମଦ ନୁହେଁ, ଗଞ୍ଜେଇ, ଅଫିମ, କୋକେନ, ହେରୋଇନ, ବ୍ରାଉନ ସୁଗାର ଓ ସିନ୍‌ଥେଟିକ୍ ଡ୍ରଗ୍ସ ଭଳି ହାଇ-ରିସ୍କ ଡ୍ରଗ୍ସ ବିରୁଦ୍ଧରେ ରାଜ୍ୟର ପୋଲିସ ଓ ଅବକାରୀ ପ୍ରଶାସନ ଆହୁରି ଅଧିକ କଠୋର ପ୍ରୋ-ଆକ୍ଟିଭ ପଦକ୍ଷେପ ନେବ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ସରକାରଙ୍କ ଗ୍ରହଣ କରାଯାଇଥିବା ବିଭିନ୍ନ ଦୃଢ଼ ପଦକ୍ଷେପଗୁଡ଼ିକୁ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଜଣାଇଲେ ଯେ ଗତ ଏପ୍ରିଲ ପହିଲାରୁ ନୂତନ ଅବକାରୀ ନୀତି ଅନୁସାରେ ଆଗାମୀ ତିନି ବର୍ଷ ପର୍ଯ୍ୟନ୍ତ କୌଣସି ନୂଆ ମଦ ଦୋକାନ ଖୋଲାଯିବ ନାହିଁ। ଏହାସହ ଚୋରା ଓ ବିଷାକ୍ତ ମଦ କାରବାର ପାଇଁ ସ୍ଥାନୀୟ ପ୍ରଶାସନକୁ ଉତ୍ତରଦାୟୀ କରାଯାଇଛି। ତମାଖୁ ଓ ନିକୋଟିନ୍ ଯୁକ୍ତ ପାନ ମସଲା ଏବଂ ଗୁଟ୍‌କା ଉତ୍ପାଦନ ଓ ବିକ୍ରୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା ସାଙ୍ଗକୁ ସ୍କୁଲ ଓ କଲେଜ କ୍ୟାମ୍ପସକୁ 'ନିଶା ନିଷିଦ୍ଧ' ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଦେଶର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ଦ୍ୱାରା ୨୦୨୯ ଶେଷ ସୁଦ୍ଧା ଭାରତକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ଘୋଷିତ 'ଡେଡ୍‌ଲାଇନ୍'କୁ ସାକାର କରିବା ଦିଗରେ ଓଡିଶା ସରକାର ପ୍ରତିବଦ୍ଧ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଶେଷରେ, ପିତାମାତାମାନେ ନିଜ ପିଲାମାନଙ୍କ ଆଚରଣ ଓ ବ୍ୟବହାରରେ ପରିବର୍ତ୍ତନକୁ ଲକ୍ଷ୍ୟ କରି ଏହାକୁ 'ରେଡ୍-ଫ୍ଲାଗ୍' ଭାବେ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଯୁବପିଢ଼ି ନିଶାଠାରୁ ଦୂରେଇ ରହି ସେହି ଟଙ୍କାକୁ ପ୍ରୋଟିନ ଓ ଏନର୍ଜି ଡ୍ରିଙ୍କ୍ସ ପରି ସ୍ୱାସ୍ଥ୍ୟକର ଜିନିଷରେ ଖର୍ଚ୍ଚ କରିବାକୁ ଆଗ୍ରହୀ ହେବା ଏକ ଆଶାର କିରଣ ବୋଲି ସେ କହିଥିଲେ। "ନିଶାକୁ ନାଁ, ଜୀବନକୁ ହଁ" ଏବଂ "ଖସଲର ସଥ୍ଵ ଭରବଙ୍କଥ୍ଵସ-ଲଙ୍କଷ, ଉକ୍ଟଭ'ଥ୍ଵ ୟରଥ୍ଵଥ୍ଵକ୍କଛ ସଥ୍ଵ"ର ବାର୍ତ୍ତାକୁ ପ୍ରତ୍ୟେକ ଗାଁ ଓ ସହରରେ ପହଞ୍ଚାଇ ଏକ ସୁସ୍ଥ, ସଚେତନ ଓ ସମୃଦ୍ଧ ଓଡିଶା ଗଠନ ପାଇଁ ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ବିନୟତୋଷ ମିଶ୍ର, ପୋଲିସ କମିଶନର ଶ୍ରୀ ସୁରେଶ ଦେବଦତ୍ତ ସିଂହଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ, ବିଶିଷ୍ଟ ଅତିଥି ଏବଂ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଓ ଯୁବବର୍ଗ ଉପସ୍ଥିତ ଥିଲେ।

ପ୍ରତିଶବ୍ଦ TV

ଭୁବନେଶ୍ୱର,ମଙ୍ଗଳବାର, ଅକ୍ଟୋବର ୦୬, ୨୦୨୬

## ସମ୍ପାଦକୀୟ

## ଓଡ଼ିଶା ଜଙ୍ଗଲରେ ବିଦେଶୀ ଅତିଥି

ବାଲେଶ୍ୱରର ଜଙ୍ଗଲରେ ହଠାତ୍ ଦେଖାଦେଇଥିବା ପାଞ୍ଚଟି ଛୋଟ ଓରାଙ୍ଗଉଟାନ ଏବେ କେବଳ ଏକ ବିରଳ ବନ୍ୟଜୀବ ଘଟଣା ନୁହେଁ, ଏହା ଓଡ଼ିଶାରୁ ଆରମ୍ଭ ହୋଇଥିବା ଏକ ବଡ଼ ପ୍ରଶ୍ନର ଦୁଆର ଖୋଲିଦେଇଛି—ସମୁଦ୍ରପାରର ଏହି ବିପନ୍ନ ବନମାନବ ଆସିଲେ କେଉଁଠାରୁ, କାହା ମାଧ୍ୟମରେ ଆସିଲେ ଏବଂ କାହିଁକି ଓଡ଼ିଶାର ଏକ ଜଙ୍ଗଲରେ ଛାଡ଼ିଦିଆଗଲେ ? ବାଲେଶ୍ୱର ଜିଲ୍ଲାର ଭୋଗରାଇ ଅଞ୍ଚଳର ବିଚ୍ତ୍ରପୁର ଓ ରଣକୋଠା-ବଡ଼ପାହି ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ମଙ୍ଗଳବାର ସ୍ଥାନୀୟ ଲୋକଙ୍କ ନଜରକୁ ପାଞ୍ଚଟି ଯୁବ ଓରାଙ୍ଗଉଟାନ ଆସିଥିଲେ। ଗଛ ଡାଳରେ ଝୁଲୁଥିବା, ଚଢ଼ୁଥିବା ଓ ଘୁରୁଥିବା ଏହି ଅଜଣା ପ୍ରାଣୀମାନଙ୍କୁ ଦେଖି ଅଞ୍ଚଳବାସୀଙ୍କ ମଧ୍ୟରେ କୌତୂହଳ ସୃଷ୍ଟି ହୋଇଥିଲା; ଖବର ବ୍ୟାପିବା ସହିତ ଭିଡ଼ ବଢ଼ିଥିଲା ଏବଂ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ପାଞ୍ଚଟି ପ୍ରାଣୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ପ୍ରଶ୍ନଟି ଏଠାରୁ ଆହୁରି ଗଭୀର ହୁଏ। ଓରାଙ୍ଗଉଟାନ ଭାରତର ସ୍ୱାଭାବିକ ବନ୍ୟପ୍ରାଣୀ ନୁହେଁ। ସେମାନଙ୍କ ପ୍ରାକୃତିକ ଆବାସ ଦକ୍ଷିଣ-ପୂର୍ବ ଏସିଆର ବୋର୍ନିଓ ଓ ସୁମାତ୍ରା ଅଞ୍ଚଳର ବର୍ଷାବନ। ତେଣୁ ବାଲେଶ୍ୱରର ଏକ ଜଙ୍ଗଲରେ ଏକାଥରେ ପାଞ୍ଚଟି ଛୋଟ ଓରାଙ୍ଗଉଟାନ ମିଳିବା ପ୍ରକୃତିର ସାଧାରଣ ଘଟଣା ନୁହେଁ; ଏହା ମାନବୀୟ ହସ୍ତକ୍ଷେପର ସମ୍ଭାବନାକୁ ଆଗକୁ ଆଣୁଛି। ଏହି କାରଣରୁ ବନ ବିଭାଗ ସେମାନେ କେଉଁଠାରୁ ଆସିଲେ, କିପରି ଭାରତକୁ ପହଞ୍ଚିଲେ ଏବଂ କିଏ ସେମାନଙ୍କୁ ଏଠାକୁ ଆଣିଥିଲା, ତାହା ଖୋଜୁଛି। ବନ୍ୟଜୀବ ତସ୍କରୀର ସମ୍ଭାବନା ତଦନ୍ତର ଏକ ପ୍ରମୁଖ ଦିଗ ହୋଇଥିଲେ ମଧ୍ୟ, ଏପର୍ଯ୍ୟନ୍ତ ତସ୍କରୀର ନିଶ୍ଚିତ ପଥ କିମ୍ବା ଦୋଷୀ ବ୍ୟକ୍ତି ସମ୍ପର୍କରେ ପ୍ରମାଣ ମିଳିନାହିଁ। ଏହି ସତର୍କତାଟି ଗୁରୁତ୍ୱପୂର୍ଣ୍ଣ, କାରଣ ଏପରି ଘଟଣାରେ ଅନୁମାନକୁ ସତ୍ୟ ଭାବେ ପ୍ରଚାର କରିବା ତଦନ୍ତକୁ ଭୁଲ ଦିଗକୁ ନେଇପାରେ। କିନ୍ତୁ ଘଟଣାଟିର ଗମ୍ଭୀରତା କମିଯାଏ ନାହିଁ। ଓରାଙ୍ଗଉଟାନର ତିନୋଟି ପରିଚିତ ପ୍ରଜାତି ନିଜ ନିଜ ସ୍ୱାଭାବିକ ଆବାସରେ ଭୟଙ୍କର ସୁରକ୍ଷା ସଙ୍କଟରେ ଅଛନ୍ତି। ବିଶେଷକରି ତାପାନୁଲି ଓରାଙ୍ଗଉଟାନ ଅତ୍ୟନ୍ତ ବିପଦଗ୍ରସ୍ତ ଶ୍ରେଣୀରେ ଥିବାବେଳେ ବୋର୍ନିଓ ଓ ସୁମାତ୍ରା ଓରାଙ୍ଗଉଟାନ ମଧ୍ୟ ଗୁରୁତର ସଂରକ୍ଷଣ ସଙ୍କଟରେ ଅଛନ୍ତି। ଏମାନଙ୍କୁ ବନ୍ୟଜୀବ ବ୍ୟବସାୟ, ବ୍ୟକ୍ତିଗତ ପୋଷ୍ୟ ପ୍ରାଣୀ ଭାବେ ରଖିବା, ପ୍ରଦର୍ଶନୀ ଓ ଅବୈଧ ସଂଗ୍ରହ ପାଇଁ ଚାହିଦା ଥିବାରୁ ତସ୍କରୀ ଆଶଙ୍କାକୁ ହାଲୁକା ଭାବେ ଦେଖାଯାଇପାରେ ନାହିଁ। ଏହି ପାଞ୍ଚ ଛୋଟ ପ୍ରାଣୀଙ୍କ ଆଖିରେ ଆମେ ଏକ ଅଦ୍ଭୁତ ଦୃଶ୍ୟ ଦେଖୁଛୁ; କିନ୍ତୁ ସେମାନଙ୍କ ପଛରେ ଯଦି ମାନବ ଲୋଭର କାହାଣୀ ଥାଏ, ତେବେ ଏହା ଆମ ପାଇଁ ଲଜ୍ଜାର କଥା। ଯେଉଁ ପ୍ରାଣୀ ନିଜ ଜନ୍ମଭୂମିର ଘନ ବର୍ଷାବନରେ ଗଛରୁ ଗଛକୁ ଯିବା ପାଇଁ ସୃଷ୍ଟି, ସେହି ପ୍ରାଣୀକୁ ହଜାର ହଜାର କିଲୋମିଟର ଦୂରକୁ ନେଇ ଅଜଣା ମାଟିରେ ଛାଡ଼ିଦେବା କେବଳ ଏକ ପ୍ରାଣୀ ପ୍ରତି ନିର୍ଦ୍ଦୟତା ନୁହେଁ, ଏହା ପ୍ରକୃତିର ନିୟମ ପ୍ରତି ମଧ୍ୟ ଏକ ଅପରାଧ। ସେମାନେ ଭାଷାରେ ଆମକୁ କିଛି କହିପାରିବେ ନାହିଁ; କିନ୍ତୁ ତାଙ୍କ ଅସହାୟ ଉପସ୍ଥିତି ଆମକୁ ପଚାରୁଛି—ମଣିଷର ଲୋଭ ପାଇଁ ଆଉ କେତେ ଜୀବନ ନିଜ ଘର ହରାଇବ ? ଏହି ଘଟଣାର ଆଉ ଏକ ମାନବୀୟ ପଟ ଅଛି। ଜଙ୍ଗଲରେ ଅଜଣା ପ୍ରାଣୀ ଦେଖି ସ୍ଥାନୀୟ ଲୋକେ ତୁରନ୍ତ ସୂଚନା ଦେଇଥିବାରୁ ଉଦ୍ଧାର ସମ୍ଭବ ହୋଇଛି। ଏହା ଦେଖାଇଦେଉଛି ଯେ ବନ ସୁରକ୍ଷା କେବଳ ବନ ବିଭାଗର କାମ ନୁହେଁ; ଜଙ୍ଗଲ ଚାରିପାଖରେ ବସୁଥିବା ଲୋକମାନେ ମଧ୍ୟ ପ୍ରକୃତିର ପ୍ରଥମ ପ୍ରହରୀ। କିନ୍ତୁ ଏଠାରେ ଆମ ସମାଜ ପାଇଁ ଆଉ ଏକ ପରୀକ୍ଷା ଅଛି। ଅଜଣା ପ୍ରାଣୀକୁ ଦେଖି ଭିଡ଼ କରିବା, ଛୁଇଁବା, ଭୟ ଦେବା କିମ୍ବା ଚିତ୍ର ନେବା ପାଇଁ ତାଙ୍କ ପାଖକୁ ଯିବା ତାଙ୍କ ଜୀବନ ପାଇଁ ବିପଦଜନକ ହୋଇପାରେ। ବନ୍ୟଜୀବ ପ୍ରତି ଭଲପାଇବାର ଅର୍ଥ ସବୁବେଳେ ତାଙ୍କ ପାଖକୁ ଯିବା ନୁହେଁ; କେତେବେଳେ ଦୂରେ ଠିଆ ହୋଇ ତାଙ୍କୁ ସୁରକ୍ଷିତ ରଖିବା ହିଁ ସବୁଠାରୁ ବଡ଼ ସ୍ନେହ। ଉଦ୍ଧାର ପରେ ପାଞ୍ଚଟି ପ୍ରାଣୀଙ୍କୁ ଭୁବନେଶ୍ୱରର ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ନିଆଯାଇଛି। ସେଠାରେ ସେମାନଙ୍କୁ ପୃଥକ ନିରୀକ୍ଷଣରେ ରଖାଯାଇ ଚିକିତ୍ସା ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ସେମାନଙ୍କ ମଧ୍ୟରୁ କେତେକ ହାତରୁ ଖାଦ୍ୟ ଗ୍ରହଣ କରୁଥିବା ଖବର ମଧ୍ୟ ଆସିଛି, ଯେତେବେଳେ ଦୁଇଟି ପ୍ରାଣୀ ବିଶେଷ ଭାବେ ଛୋଟ ବୋଲି ଜଣାପଡ଼ିଛି। ଏବେ ମୁଖ୍ୟ ଦାୟିତ୍ୱ ହେଉଛି ସେମାନଙ୍କ ଜୀବନ ରକ୍ଷା ସହିତ ତାଙ୍କ ଉତ୍ପତ୍ତିର ସତ୍ୟ ଖୋଜିବା। ସେମାନେ କେଉଁ ଦେଶରୁ ଆସିଥିଲେ, କେତେ ଦିନ ଧରି ମଣିଷଙ୍କ ନିୟନ୍ତ୍ରଣରେ ଥିଲେ, କିପରି ଓଡ଼ିଶାକୁ ଆସିଲେ, ଏଠାକୁ ଆଣିଥିବା ଲୋକମାନେ କିଏ ଏବଂ ସେମାନଙ୍କ ପଛରେ କୌଣସି ବଡ଼ ବନ୍ୟଜୀବ ବ୍ୟବସାୟ ଚକ୍ର ଅଛି କି ନାହିଁ—ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦରକାର। କାରଣ ଆଜି ପାଞ୍ଚଟି ଓରାଙ୍ଗଉଟାନ ମିଳିଛନ୍ତି; ଯଦି ଏହା କୌଣସି ଅବୈଧ ବ୍ୟବସାୟର ଚିହ୍ନ, ତେବେ ଏହି ପାଞ୍ଚଟି ପ୍ରାଣୀ କେବଳ ଏକ ବଡ଼ ଶୃଙ୍ଖଳାର ଦୃଶ୍ୟମାନ ଅଂଶ ହୋଇପାରନ୍ତି। ସେଥିପାଇଁ ତଦନ୍ତ କେବଳ ଏହି ପାଞ୍ଚଟି ପ୍ରାଣୀରେ ଅଟକି ରହିବା ଉଚିତ ନୁହେଁ; ଦେଶ ଓ ରାଜ୍ୟ ମଧ୍ୟରେ ବନ୍ୟଜୀବ ଗତିବିଧି, ଅବୈଧ ପୋଷ୍ୟ ପ୍ରାଣୀ ବଜାର ଏବଂ ଆନ୍ତର୍ଜାତିକ ତସ୍କରୀର ସମ୍ଭାବ୍ୟ ସଂଯୋଗକୁ ମଧ୍ୟ ଖୋଜିବା ଦରକାର। ଏହି ଘଟଣା ଆମକୁ ଏକ ବଡ଼ ସତ୍ୟ ମଧ୍ୟ ମନେ ପକାଇଦେଉଛି—ପ୍ରକୃତିର ସୀମାକୁ ମଣିଷ ଟଙ୍କା ପାଇଁ ଭାଙ୍ଗିଦେଲେ ତାହାର ଫଳ ଅନିଶ୍ଚିତ ହୁଏ। ଓଡ଼ିଶାର ଜଙ୍ଗଲ ହାତୀ, ବାଘ, ଚିତା, ଭାଲୁ, ମୟୂର ଓ ଅନେକ ସ୍ୱଦେଶୀ ପ୍ରାଣୀଙ୍କ ଘର; ସେହି ଘରକୁ ଅଜଣା ବିଦେଶୀ ପ୍ରାଣୀଙ୍କୁ ଆଣି ଛାଡ଼ିଦେବା ସେମାନଙ୍କ ପାଇଁ ମଧ୍ୟ ବିପଦ ଓ ସ୍ଥାନୀୟ ପରିବେଶ ପାଇଁ ମଧ୍ୟ ଅନିଶ୍ଚିତତା ସୃଷ୍ଟି କରିପାରେ। ତେଣୁ ଏହି ଘଟଣାକୁ କେବଳ "ଅଦ୍ଭୁତ ଦୃଶ୍ୟ" ଭାବେ ଦେଖିଲେ ଭୁଲ ହେବ। ଏହା ଏକ ସତର୍କ ସଙ୍କେତ। ଏକପଟେ ପାଞ୍ଚଟି ନିରୀହ ଜୀବନ ଆମ ସହାନୁଭୂତି ଚାହୁଁଛି, ଅନ୍ୟପଟେ ଏହି ଅସାଧାରଣ ଘଟଣା ଆମ ବ୍ୟବସ୍ଥାକୁ ପଚାରୁଛି—ବନ୍ୟଜୀବ ତସ୍କରୀକୁ ରୋକିବାରେ ଆମେ କେତେ ପ୍ରସ୍ତୁତ ? ଆଜି ବାଲେଶ୍ୱରର ଜଙ୍ଗଲରେ ମିଳିଥିବା ଏହି ପାଞ୍ଚ ଛୋଟ ଓରାଙ୍ଗଉଟାନ ନିଜ ଦେଶରୁ ହଜାର ହଜାର କିଲୋମିଟର ଦୂରେ ଆସି ମଣିଷର ଏକ ଅଜଣା କାହାଣୀର ସାକ୍ଷୀ ହୋଇଛନ୍ତି। ଏବେ ସେମାନଙ୍କୁ ନିରାପଦ ରଖିବା ଆମର ପ୍ରଥମ କର୍ତ୍ତବ୍ୟ; କିନ୍ତୁ ତାଠାରୁ ବଡ଼ କର୍ତ୍ତବ୍ୟ ହେଉଛି ଏହି ପ୍ରଶ୍ନର ଉତ୍ତର ଖୋଜିବା—ଜଙ୍ଗଲକୁ ଆସିଥିବା ଏହି ପାଞ୍ଚ ଅତିଥି ନିଜେ ଆସିନାହାନ୍ତି; ତାଙ୍କୁ କିଏ ଏଠାକୁ ଆଣିଲା ? ଏହି ପ୍ରଶ୍ନର ଉତ୍ତର ମିଳିଲେ ହିଁ ବାଲେଶ୍ୱରର ଏହି ଅସାଧାରଣ ଘଟଣାର ପ୍ରକୃତ ରହସ୍ୟ ଖୋଲିବ ଏବଂ ଭବିଷ୍ୟତରେ ଆଉ କୌଣସି ବିପନ୍ନ ପ୍ରାଣୀ ମଣିଷର ଲୋଭର ଶିକାର ନହେବା ପାଇଁ ଆମେ ଏକ ଦୃଢ଼ ପାଠ ଶିଖିପାରିବୁ।

# 'ଅଶୋକ ସିଂଘଲ ଜୀ-ଜଣେ କର୍ମଯୋଗୀ'

*— ଦତ୍ତାତ୍ରେୟ ହୋସବାଲେ*
*ସରକାର୍ଯ୍ୟବାହ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ*

ଭାରତ ପାଇଁ ଏହା ଯୁଗ-ନିର୍ମାଣର ସମୟ। ସମ୍ପୂର୍ଣ୍ଣ ଦେଶ ଏକ ନୂତନ ଆତ୍ମବିଶ୍ୱାସର ସହ ନୂତନ ଭାରତ ନିର୍ମାଣର ସଂକଳ୍ପ ନେଉଛି । ଭାରତ ଆତ୍ମଗ୍ଲାନିରୁ ବାହାରି ଆତ୍ମଗୌରବ ଆଡ଼କୁ ଅଗ୍ରସର ହେଉଛି ଏବଂ ଏହାର 'ସ୍ୱବୋଧ' ଜାଗ୍ରତ ହେଉଛି। ଏହି ପରିବର୍ତ୍ତନକୁ ଭାରତର ପୁନରୁତ୍ଥାନ କୁହାଯାଇପାରେ । ଯେଉଁ ମହାପୁରୁଷମାନଙ୍କର ଅକ୍ଳାନ୍ତ ପ୍ରଚେଷ୍ଟା ଫଳରେ ଭାରତର ସ୍ୱବୋଧ ଜାଗ୍ରତ ହେଲା ଏବଂ ହିନ୍ଦୁ ସମାଜରେ ଆତ୍ମବିଶ୍ୱାସର ସଞ୍ଚାର ହେଲା, ସେମାନଙ୍କ ମଧ୍ୟରେ ମାନନୀୟ ଅଶୋକ ସିଂଘଲ ଜୀଙ୍କ ନାମ ଆଗ ଧାଡ଼ିରେ ରହେ । ତାଙ୍କ ପ୍ରତି ଶ୍ରଦ୍ଧା ବ୍ୟକ୍ତ କରିବା ପାଇଁ ସମାଜ ତାଙ୍କୁ ବିଭିନ୍ନ ନାମରେ ସମ୍ବୋଧିତ କରିଛି—କିଏ ତାଙ୍କୁ 'ହିନ୍ଦୁ ହୃଦୟ ସମ୍ରାଟ' ତ କିଏ 'ରାମ ଜନ୍ମଭୂମି ଆନ୍ଦୋଳନର ପୁରୋଧା', 'ହିନ୍ଦୁ ପୁନରୁତ୍ଥାନର ନାୟକ' ତଥା 'ରାଷ୍ଟ୍ର ଜାଗରଣ ଅଭିଯାନର ସେନାପତି' ବୋଲି କହୁଛନ୍ତି । କିନ୍ତୁ ଯଦି ଅଶୋକ ଜୀଙ୍କ ବ୍ୟକ୍ତିତ୍ୱର ପରିଚୟ କେବଳ ଗୋଟିଏ ଶବ୍ଦରେ ଦେବାକୁ ହୁଏ, ତାହା ହେଉଛି - କର୍ମଯୋଗୀ ।

ନିଷ୍କାମ ଭାବନାରେ ସେ କର୍ମ କରୁଥିଲେ। କୌଣସି କାର୍ଯ୍ୟରେ ସଫଳତା ମିଳିଲେ ତାହାର ଶ୍ରେୟ ନିଜେ ନ ନେଇ ଈଶ୍ୱରଙ୍କୁ ଠାରେ ତାହା ସମର୍ପଣ କରିଦେଉଥିଲେ ଏବଂ ସଫଳତା ଠାରୁ ମିଳୁଥିବା ପ୍ରସିଦ୍ଧିରୁ ନିଜକୁ ଦୂରେଇ ରଖୁଥିଲେ । ପ୍ରସିଦ୍ଧିର ଶିଖରରେ ପହଞ୍ଚିବା ପରେ ମଧ୍ୟ ସେ କେବେ ପ୍ରସିଦ୍ଧିର କାମନା ରଖି ନଥିଲେ । ତାଙ୍କ ଉପସ୍ଥିତିରେ ଯଦି ତାଙ୍କର ପ୍ରଶଂସା ହେଉଥିଲା ତାହା ତାଙ୍କୁ ଠିକ୍ ଲାଗୁ ନଥିଲା । ମାନ-ଅପମାନ, ଯଶ-ଅପଯଶରୁ ଊର୍ଦ୍ଧ୍ୱକୁ ଉଠି ନିଜ କର୍ତ୍ତବ୍ୟ-ପଥରେ ସମଭାବରେ ନିରନ୍ତର ଚାଲିବା ହିଁ ଜଣେ କର୍ମଯୋଗୀ ତଥା ଜଣେ ସଚ୍ଚା ସ୍ୱୟଂସେବକର ପରିଚୟ । ଏହି ସବୁ ଗୁଣ ଅଶୋକଜୀଙ୍କ ଜୀବନରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଥିଲା।

**ପ୍ରତିଭାର ରାଷ୍ଟ୍ରକାର୍ଯ୍ୟ ପାଇଁ ସମର୍ପଣ**

ଅଶୋକଜୀ ବିଲକ୍ଷଣ ପ୍ରତିଭାର ଅଧିକାରୀ ତଥା ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ ମେଧାବୀ ଛାତ୍ର ଥିଲେ । କିନ୍ତୁ ତାଙ୍କର ଜ୍ଞାନର ପ୍ରତିଭା ବ୍ୟକ୍ତିଗତ ଜୀବନର ଉନ୍ନତି ପାଇଁ ନଥିଲା, ପରନ୍ତୁ ରାଷ୍ଟ୍ରର ଉତ୍ଥାନ ପାଇଁ ସମର୍ପିତ ଥିଲା । ସେ ଏକ ପ୍ରତିଷ୍ଠିତ ଏବଂ ଉଚ୍ଚ ଶିକ୍ଷିତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଜଣେ ଭାଇ ଭାରତୀୟ ପୋଲିସ ସେବାରେ କାର୍ଯ୍ୟକରି ଉତ୍ତର ପ୍ରଦେଶର ପୋଲିସ ମହାନିର୍ଦ୍ଦେଶକ ପଦବୀ ପର୍ଯ୍ୟନ୍ତ ପହଞ୍ଚି ପାରିଥିଲେ ଏବଂ ତାଙ୍କର ଅନ୍ୟ ଭାଇମାନେ ସଫଳ ବ୍ୟବସାୟୀ ଓ ଶିଳ୍ପପତି ହୋଇ ପାରିଥିଲେ । ସ୍ୱୟଂ ଅଶୋକ ଜୀ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଧାତୁ ବିଜ୍ଞାନ (ଗରଷ୍ପବକ୍ଷକ୍ଷଙ୍କକ୍ସଶଙ୍ଛ)ରେ ଇଞ୍ଜିନିୟରିଂ ଶିକ୍ଷା ପ୍ରାପ୍ତ କରିଥିଲେ । ତାଙ୍କ ପାଖରେ ବ୍ୟକ୍ତିଗତ ଜୀବନର ପ୍ରଗତି ପାଇଁ ଅନେକ ସୁଯୋଗ ଥିଲା, କିନ୍ତୁ ସେ ନିଜ ଜୀବନକୁ ରାଷ୍ଟ୍ର ପ୍ରତି ସମ୍ପୂର୍ଣ୍ଣ ରୂପେ ସମର୍ପିତ କରିଦେଇଥିଲେ। ସେ ମୂଳରୁ ଆଧ୍ୟାତ୍ମିକ ବିଚାରର ବ୍ୟକ୍ତି ଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ପରି ସେ ମଧ୍ୟ ନିଜ ପାଇଁ କିଛି ପାଇବାର ଆଶା ନରଖି ସମାଜ ଏବଂ ରାଷ୍ଟ୍ର ପାଇଁ ନିଜ ଜୀବନ ସମର୍ପିତ କରିଦେଇଥିଲେ । ତାଙ୍କ ସାଧନାର କେନ୍ଦ୍ର ନିଜ ବଦଳରେ ସମାଜ ଏବଂ ରାଷ୍ଟ୍ର ଥିଲା ।

**ସଂଘ ସଂସ୍କାର ଦ୍ୱାରା ନିର୍ମାଣ ହୋଇଥିବା ବ୍ୟକ୍ତିତ୍ୱ**

ଅଶୋକଜୀ ଛାତ୍ରଜୀବନରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସମ୍ପର୍କରେ ଆସିଥିଲେ । ପ୍ରାରମ୍ଭିକ ଜୀବନରେ ତାଙ୍କୁ ପୂଜନୀୟ ପ୍ରଫେସର ରାଜେନ୍ଦ୍ର ସିଂହ 'ରଜ୍ଜୁ ଭୈୟା'ଙ୍କ ମାର୍ଗଦର୍ଶନର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ମାନନୀୟ ଭାଉରାଓ ଦେବରସ ଜଣେ କୁଶଳୀ ଶିଳ୍ପୀ ଭାବରେ ତାଙ୍କ ବ୍ୟକ୍ତିତ୍ୱକୁ ଗଢ଼ିତୋଳିଥିଲେ । ତାଙ୍କୁ ପୂଜନୀୟ ଗୁରୁଜୀଙ୍କ ମାର୍ଗଦର୍ଶନ ମଧ୍ୟ ନିରନ୍ତର ପ୍ରାପ୍ତ ହୋଇଥିଲା ।ତାଙ୍କର ସମର୍ପଣଭାବ, କର୍ମଠତା, ଦୃଢ଼ ସଂକଳ୍ପ, ପରିଚାଳନା ଦକ୍ଷତା, ସଂଗଠନ ଦକ୍ଷତା ଏବଂ ଦୂରଦୃଷ୍ଟିରେ ଏହି ମହାପୁରୁଷମାନଙ୍କ ମାର୍ଗଦର୍ଶନର ସ୍ପଷ୍ଟ ଛାପ ଦେଖାଯାଉଥିଲା । ଇଞ୍ଜିନିୟରିଂ ଶିକ୍ଷା ସମାପ୍ତ ହେବା ମାତ୍ରେ ସେ ସଂଘର ପ୍ରଚାରକ ହୋଇଗଲେ । ତାଙ୍କୁ ଯେଉଁ ଦାୟିତ୍ୱ ବି ମିଳିଲା ସେ ତାହାକୁ ସଂପୂର୍ଣ୍ଣ ନିଷ୍ଠା ଓ ପରିଶ୍ରମର ସହିତ ତୁଲାଇଥିଲେ । ଏପରି ମନେ ହେଉଥିଲା ଯେମିତି ସେ ସେହି ଦାୟିତ୍ୱ ପାଇଁ ହିଁ ଗଢ଼ା ହୋଇଛନ୍ତି ।

**ବିରାଟ ହିନ୍ଦୁ ସମ୍ମିଳନୀ ଏବଂ ବିଶ୍ୱ ହିନ୍ଦୁ ପରିଷଦର ଦାୟିତ୍ୱ**

ଯେତେବେଳେ ସେ ଦିଲ୍ଲୀ ପ୍ରାନ୍ତର ପ୍ରାନ୍ତ ପ୍ରଚାରକ ଥିଲେ (ଯେଉଁଥିରେ ଦିଲ୍ଲୀ ଏବଂ ହରିୟାଣା ଉଭୟ ପ୍ରଦେଶ ସମାହିତ ଥିଲା), ସେତେବେଳେ ମୀନାକ୍ଷୀପୁରମ୍ର ଧର୍ମାନ୍ତରଣ ଘଟଣା ସମଗ୍ର ସମାଜକୁ ଚିନ୍ତାରେ ପକାଇଥିଲା । ସେହି ସମୟରେ ହିନ୍ଦୁ ସମାଜର ବ୍ୟାପକ ଜାଗରଣର ଆବଶ୍ୟକତା ଅନୁଭବ କରାଯାଉଥିଲା ।ମାନନୀୟ ଅଶୋକଜୀଙ୍କୁ ଦିଲ୍ଲୀରେ 'ବିରାଟ ହିନ୍ଦୁ ସମ୍ମିଳନୀ' ଆୟୋଜନର ଦାୟିତ୍ୱ ଦିଆଯାଇଥିଲା । ଡକ୍ଟର କର୍ଣ୍ଣ ସିଂହଙ୍କ ସହିତ ସମାଜର ବିଭିନ୍ନ ବର୍ଗକୁ ସାଙ୍ଗରେ ନେଇ ସେ ଏହି ବିରାଟ ହିନ୍ଦୁ ସମ୍ମିଳନୀର ଯୋଜନାକୁ ସଫଳ କରିଥିଲେ । ପୂଜ୍ୟ ସାଧୁସନ୍ଥଙ୍କ ମାର୍ଗଦର୍ଶନରେ ସମାଜର ବିଭିନ୍ନ ବର୍ଗକୁ ଯୋଡ଼ି ଯେଉଁ କୁଶଳତାର ସହିତ ଏତେ ବଡ଼ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ସେଥିରୁ ଅଶୋକଜୀଙ୍କ ସଂଗଠନ-ଦକ୍ଷତାର ପରିଚୟ ସମଗ୍ର ସମାଜକୁ ମିଳିଥିଲା । ଏହି ଆୟୋଜନ ମାଧ୍ୟମରେ ସମାଜରେ ଧର୍ମାନ୍ତରୀକରଣର ଆହ୍ୱାନ ପ୍ରତି ଦାୟିତ୍ୱ-ବୋଧ ଜାଗ୍ରତ ହୋଇଥିଲା। ଏହା ପରେ ଧାର୍ମିକ ଏବଂ ସାମାଜିକ କ୍ଷେତ୍ରରେ ବ୍ୟାପକ ଜାଗରଣ ପାଇଁ ତାଙ୍କୁ ବିଶ୍ୱ ହିନ୍ଦୁ ପରିଷଦର ଦାୟିତ୍ୱ ମିଳିଥିଲା । ସେ ଏହି ଦାୟିତ୍ୱକୁ ମଧ୍ୟ ସେହି କର୍ମଠତା ଏବଂ ସମର୍ପଣଭାବର ସହିତ ତୁଲାଇଥିଲେ । ସମାଜର ପରିସ୍ଥିତିଗୁଡିକୁ ବୁଝିବା, ସେହି ଅନୁରୂପ ଚିନ୍ତା କରିବା, ଯୋଜନା ପ୍ରସ୍ତୁତ କରିବା ଏବଂ ସେଗୁଡ଼ିକୁ ତଳସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ଆଦି ତାଙ୍କ କାର୍ଯ୍ୟଶୈଳୀର ବିଶେଷତା ଥିଲା।

**ସମରସ ହିନ୍ଦୁ ସମାଜ ନିର୍ମାଣ କରିବାର ପ୍ରୟାସ**

ହିନ୍ଦୁ ସମାଜରେ ବହୁବର୍ଷ ଧରି ଅସ୍ପୃଶ୍ୟତା ଏକ ଗମ୍ଭୀର ସାମାଜିକ ଆହ୍ୱାନ ହୋଇ ରହିଥିଲା । ଅସ୍ପୃଶ୍ୟତା ଦୂର ନ ହେବା ପର୍ଯ୍ୟନ୍ତ ସମରସ ସମାଜର କଳ୍ପନା ପୂର୍ଣ୍ଣ ହୋଇପାରିବ ନାହିଁ । ଅଶୋକଜୀ ଏହି ବିଷୟକୁ କେବଳ ସାମୂହିକ ଭୋଜନ କିମ୍ବା ପ୍ରତୀକାତ୍ମକ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ରଖିନଥିଲେ । ସେ ପୂଜନୀୟ ସନ୍ଥମାନଙ୍କୁ ହିନ୍ଦୁ ସମାଜକୁ ଏହି ବାର୍ତ୍ତା ଦେବା ପାଇଁ ଅନୁରୋଧ କରିଥିଲେ ଯେ, ଅସ୍ପୃଶ୍ୟତା ହିନ୍ଦୁ ଧର୍ମର ମୂଳ ଆଦର୍ଶ ଅନୁରୂପ ନୁହେଁ । ତାହାପରେ ସନ୍ଥମାନେ ଅନୁସୂଚିତ ସମାଜର ବସ୍ତିକୁ ଯିବା ଆରମ୍ଭ କଲେ । ଏହି ବିଷୟରେ ଅଧ୍ୟୟନ ଏବଂ ବିଚାର ବିମର୍ଶକୁ ମଧ୍ୟ ଆଗକୁ ବଢ଼ାଗଲା । ୯ ନଭେମ୍ବର ୧୯୮୯ରେ ଅଯୋଧ୍ୟାରେ ରାମ ଜନ୍ମଭୂମି ମନ୍ଦିରର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅନୁସୂଚିତ ସମାଜର ଶ୍ରୀ କାମେଶ୍ୱର ଚୌପାଲଙ୍କ ଭୂମିକା ଏହି ବ୍ୟାପକ ସାମାଜିକ ସମରସତାର ସନ୍ଦେଶ ସହିତ ଯୋଡ଼ିହୋଇ ଥିଲା । ସେଠାରେ ଅନେକ ପୂଜ୍ୟ ସନ୍ଥ ଏବଂ ଧର୍ମାଚାର୍ଯ୍ୟ ଉପସ୍ଥିତ ଥିଲେ । ସେହିପରି ବାରାଣସୀରେ ଡୋମ୍ ରାଜାଙ୍କ ଘରେ ପୂଜ୍ୟ ସନ୍ଥମାନେ ଭୋଜନ କରିବା ମଧ୍ୟ ସାମାଜିକ ସମରସତା ସନ୍ଦେଶର ଏକ ମହତ୍ତ୍ୱପୂର୍ଣ୍ଣ ଉଦାହରଣ ପାଲଟିଥିଲା । ଏହି ପ୍ରୟାସଗୁଡ଼ିକ ଦ୍ୱାରା ସମାଜରେ ଏଭଳି ବିଶ୍ୱାସ ଦୃଢ଼ୀଭୂତ ହେଲା ଯେ ସାମାଜିକ ଭେଦଭାବ ସମାପ୍ତ କରି ସମରସ ହିନ୍ଦୁ ସମାଜର ନିର୍ମାଣ କରାଯାଇପାରେ।

**ରାମ ଜନ୍ମଭୂମି ଆନ୍ଦୋଳନ ଏବଂ ଅଶୋକଜୀ**

ରାମ ଜନ୍ମଭୂମି ଆନ୍ଦୋଳନ ଆଧୁନିକ ଭାରତର ସବୁଠାରୁ ବ୍ୟାପକ ସାମାଜିକ-ଧାର୍ମିକ ଆନ୍ଦୋଳନଗୁଡ଼ିକ ମଧ୍ୟରୁ ଅନ୍ୟତମ ଥିଲା । ୧୯୮୦ ଦଶକରୁ ନେଇ ୨୦୧୯ର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଏବଂ ତା'ପରେ ମନ୍ଦିର ନିର୍ମାଣ ପର୍ଯ୍ୟନ୍ତ ଏହାର ଅନେକ ମହତ୍ତ୍ୱପୂର୍ଣ୍ଣ ପର୍ଯ୍ୟାୟ ରହିଥିଲା । ରାମ-ଜାନକୀ ରଥଯାତ୍ରା, ଶିଳା-ପୂଜନ, ଚରଣ-ପାଦୁକା ପୂଜନ, ରାମଜ୍ୟୋତି ଭଳି ଅନେକ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଜନଜାଗରଣ ହୋଇଥିଲା । ଏହି ସମଗ୍ର ଆନ୍ଦୋଳନରେ ଅଶୋକ ଜୀଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଥିଲା । ୧୯୯୦ର କରସେବା ସମୟରେ ସୃଷ୍ଟି ହୋଇଥିବା ଅନେକ ପରିସ୍ଥିତି ତଥା ବହୁ କାର୍ଯ୍ୟକର୍ତ୍ତାଙ୍କ ବଳିଦାନ ଆନ୍ଦୋଳନକୁ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚାଇଥିଲା । କଠିନ ପରିସ୍ଥିତି ସମୟରେ ମଧ୍ୟ ଅଶୋକଜୀଙ୍କ ଦୃଢ଼ ବିଶ୍ୱାସ କାର୍ଯ୍ୟକର୍ତ୍ତାମାନଙ୍କ ପାଇଁ ପ୍ରେରଣାର ସ୍ରୋତ ହୋଇ ରହିଥିଲା । ତାଙ୍କର ବିଶ୍ୱାସ ଥିଲା—"ଏହା ପ୍ରଭୁ ରାମଚନ୍ଦ୍ରଙ୍କର କାର୍ଯ୍ୟ, ପ୍ରଭୁ ରାମ ଏହି କାର୍ଯ୍ୟକୁ ନିଶ୍ଚୟ ପୂରଣ କରିବେ।" ମନ୍ଦିର ନିର୍ମାଣ କାର୍ଯ୍ୟ ତାଙ୍କ ଜୀବନକାଳ ମଧ୍ୟରେ ସଂପୂର୍ଣ୍ଣ ହୋଇ ନଥିଲା, ଯେଉଁ ଆନ୍ଦୋଳନକୁ ସେ ଦଶନ୍ଧି ଦଶନ୍ଧି ଧରି ମାର୍ଗଦର୍ଶନ, ସଂଗଠନ ନିମିତ୍ତ ଶକ୍ତି ପ୍ରଦାନ କରିଥିଲେ, ତାହାର ପରିଣାମ ତାଙ୍କ ଦେହାନ୍ତ ପରେ ସାକାର ହେଲା । ୯ ନଭେମ୍ବର ୨୦୧୯ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ପରେ ଶ୍ରୀରାମ ଜନ୍ମଭୂମିରେ ମନ୍ଦିର ନିର୍ମାଣର ମାର୍ଗ ପ୍ରଶସ୍ତ ହେଲା, ୫ ଅଗଷ୍ଟ ୨୦୨୦ରେ ଭୂମିପୂଜନ ହୋଇ ୨୨ ଜାନୁଆରୀ ୨୦୨୪ରେ ଶ୍ରୀରାମ ଲଲାଙ୍କ ପ୍ରାଣ ପ୍ରତିଷ୍ଠା ହେଲା ଏବଂ ଆଜି ସେଠାରେ ଭବ୍ୟ ମନ୍ଦିରର ନିର୍ମାଣ ସମ୍ପନ୍ନ ହୋଇସାରିଛି ।

**କେବଳ ରାମ ଜନ୍ମଭୂମି ମଧ୍ୟରେ ସୀମିତ ନଥିଲେ**

ଅଶୋକଜୀଙ୍କ ପରିଚୟ ରାମ ଜନ୍ମଭୂମି ଆନ୍ଦୋଳନର ପ୍ରମୁଖ ନେତୃତ୍ୱକର୍ତ୍ତା ଭାବେ ସ୍ଥାନ ପାଇଥିଲା, କିନ୍ତୁ ତାଙ୍କ କାର୍ଯ୍ୟକ୍ଷେତ୍ରର ପରିସର ଏହାଠାରୁ ଯଥେଷ୍ଟ ବ୍ୟାପକ ଥିଲା। ରାମସେତୁର ସୁରକ୍ଷା, ଅମରନାଥ ଯାତ୍ରା, ଗୋ-ଗବେଷଣା ଓ ଗୋବଂଶ ସଂବର୍ଦ୍ଧନ, ସାମାଜିକ ସମରସତା, ବୁଦ୍ଧିଜୀବୀମାନଙ୍କୁ ହିନ୍ଦୁ ବିଚାର ସହିତ ଯୋଡ଼ିବା ତଥା ବିଭିନ୍ନ ସାମାଜିକ ଏବଂ ରାଷ୍ଟ୍ରୀୟ ବିଷୟରେ ଜନଜାଗରଣ କରିବା ଆଦି କ୍ଷେତ୍ରରେ ତାଙ୍କର ପଦକ୍ଷେପ ଏବଂ ମାର୍ଗଦର୍ଶନ ଉଲ୍ଲେଖନୀୟ । ସେ ଧାତୁ ବିଜ୍ଞାନ (Metallurgy) ର ବୈଜ୍ଞାନିକ ଥାଇ ମଧ୍ୟ ସମାଜର ପ୍ରକୃତି, ସାମର୍ଥ୍ୟ ଏବଂ ଏହାର ଆହ୍ୱାନଗୁଡ଼ିକୁ ବୁଝିବାରେ ତାଙ୍କର ଦୃଷ୍ଟିଭଙ୍ଗୀ ମଧ୍ୟ ଅତ୍ୟନ୍ତ ଗଭୀର ଥିଲା । ତାଙ୍କ କାର୍ଯ୍ୟଶୈଳୀରେ ବୈଜ୍ଞାନିକ ଦୃଷ୍ଟିକୋଣ, ସଂଗଠନ କୌଶଳ, ଆଧ୍ୟାତ୍ମିକ ଭାବ ପ୍ରତି ଆସ୍ଥା ଏବଂ ରାଷ୍ଟ୍ରଭକ୍ତିର ଅଭୂତପୂର୍ବ ସମନ୍ୱୟ ଦେଖାଯାଉଥିଲା ।

**ଯୁଗଦ୍ରଷ୍ଟା କର୍ମଯୋଗୀ**

ଅଶୋକଜୀଙ୍କ ବ୍ୟକ୍ତିତ୍ୱର ସବୁଠାରୁ ବଡ଼ ବିଶେଷତା ଏହା ଥିଲା ଯେ ସେ କୌଣସି କାର୍ଯ୍ୟର ସଫଳତା ପରେ ଅଟକି ଯାଉ ନଥିଲେ । ଗୋଟିଏ ଲକ୍ଷ୍ୟ ପ୍ରାପ୍ତ ହେବା ମାତ୍ରେ ସେ ପରବର୍ତ୍ତୀ ଲକ୍ଷ୍ୟ ଆଡ଼କୁ ଆଗେଇ ଯାଉଥିଲେ । ସେ ସମାଜ ସମ୍ମୁଖରେ ଆସୁଥିବା ପ୍ରତ୍ୟେକ ଆହ୍ୱାନକୁ ସ୍ୱୀକାର କରୁଥିଲେ ଏବଂ ତାହାର ସମାଧାନ ପାଇଁ ସମାଜକୁ ସଂଗଠିତ କରିବାରେ ଲାଗିପଡୁଥିଲେ । ତାଙ୍କ ପାଇଁ ସଂଗଠନ ସାଧନ ଥିଲା, ସମାଜ ସାଧ୍ୟ ଥିଲା ଏବଂ ରାଷ୍ଟ୍ରସେବା ଜୀବନର ଉଦ୍ଦେଶ୍ୟ ଥିଲା । ସେ ନିଜ ବ୍ୟକ୍ତିଗତ ଜୀବନର ସମ୍ଭାବନାଗୁଡ଼ିକୁ ତ୍ୟାଗ କରି ରାଷ୍ଟ୍ରକାର୍ଯ୍ୟକୁ ବାଛିଥିଲେ । ସେ ପ୍ରସିଦ୍ଧି ପାଇଥିଲେ, କିନ୍ତୁ ପ୍ରସିଦ୍ଧିଠାରୁ ନିଜକୁ ଅଲଗା ରଖିଥିଲେ । ସେ ନେତୃତ୍ୱ ନେଉଥିଲେ, କିନ୍ତୁ ଶ୍ରେୟ ନିଜେ ନେବାର ଆଶା ରଖିନଥିଲେ । ତାଙ୍କର ସଂଘର୍ଷ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ନଥିଲା । ଏହି କାରଣରୁ ଅଶୋକ ସିଂଘଲ ଜୀଙ୍କ ଜୀବନ କେବଳ ଜଣେ ବ୍ୟକ୍ତିର ଜୀବନ ନୁହେଁ, ବରଂ ସମର୍ପଣ, ସାଧନା, ସଂଗଠନ ତଥା କର୍ମଯୋଗୀର ଏକ ପ୍ରେରଣାଦାୟୀ ଅଧ୍ୟାୟ ଅଟେ । ଭାରତର ବର୍ତ୍ତମାନର ପୁନରୁତ୍ଥାନରେ ଯେଉଁ ମହାପୁରୁଷମାନଙ୍କର ତପସ୍ୟା, ତ୍ୟାଗ ଏବଂ ପୁରୁଷାର୍ଥର ଯୋଗଦାନ ରହିଛି, ଅଶୋକଜୀ ସେମାନଙ୍କ ମଧ୍ୟରେ ଅଗ୍ରଣୀ । ସେ ହିନ୍ଦୁ ସମାଜରେ ଆତ୍ମବିଶ୍ୱାସ ଜାଗ୍ରତ କରିବା, ସାମାଜିକ ସମରସତା ଭାବନାକୁ ଆଗକୁ ବଢ଼ାଇବା ଏବଂ ରାଷ୍ଟ୍ରଚେତନାକୁ ସୁଦୃଢ଼ କରିବା ପାଇଁ ନିଜର ସମ୍ପୂର୍ଣ୍ଣ ଜୀବନ ଅର୍ପଣ କରିଦେଇଥିଲେ । ତେଣୁ ତାଙ୍କୁ କେବଳ ରାମ ଜନ୍ମଭୂମି ଆନ୍ଦୋଳନର ମହାନାୟକ ଭାବରେ ଦେଖିବା ଦ୍ୱାରା ତାଙ୍କ ବିରାଟ ବ୍ୟକ୍ତିତ୍ୱ ସୀମିତ ହୋଇଯିବ । ସେ ବାସ୍ତବରେ ଜଣେ କର୍ମଯୋଗୀ ଥିଲେ ଏପରି ଜଣେ କର୍ମଯୋଗୀ, ଯାହାଙ୍କ ଜୀବନ ଆଗାମୀ ପିଢ଼ିକୁ ନିରନ୍ତର ପ୍ରେରଣା ଦେଉଥିବ।

# ସୋଆ ବିଶ୍ୱ ବିଦ୍ୟାଳୟ କ୍ୟାମ୍ପସ -୪ ରେ ବିଶ୍ୱ ପ୍ରାଣୀ ଦିବସ ପାଳିତ

ଭୁବନେଶ୍ୱର,୫/୧୦::ଆଜି ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱ ବିଦ୍ୟାଳୟ କ୍ୟାମ୍ପସ -୪ ସ୍ଥିତ ଅଡିଟୋରିଅମ ହଲରେ ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ଓଡିଶା ପ୍ରାଣୀ ବିକାଶ ସମିତି ଏବଂ ଓଡିଶା ପ୍ରାଣୀ ଚିକିତ୍ସା ପରିଷଦର ମିଳିତ ଆନୁକୂଲ୍ୟରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ -୨୦୨୬ ମହା ସମାରୋହରେ ପାଳିତ ହୋଇଯାଇଛି। ଚଳିତ ବିଶ୍ୱ ପ୍ରାଣୀ ଦିବସ ର ମୁଖ୍ୟ ବାର୍ତ୍ତା ହେଲା - 'ବିଶ୍ୱକୁ ସେମାନଙ୍କ ଆଖି ରେ ଦେଖ '(To see the World through their eyes)। ପ୍ରାଣୀ ମାନେ ଆମର ଜୀବନ ସହିତ ଅଙ୍ଗାଙ୍ଗୀଭାବେ ଜଡିତ। ତେଣୁ ମନୁଷ୍ୟ, ପ୍ରାଣୀ ଓ ପରିବେଶ ମଧ୍ୟରେ ସନ୍ତୁଳନ ରଖାଯାଇପାରିଲେ ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣ କରାଯିବା ସହିତ ସୁସ୍ଥ ଓ ନୀରୋଗ ମନୁଷ୍ୟ ଜୀବନଯାପନ କରିପାରିବ। ତେଣୁ ବିଶ୍ୱରେ ମନୁଷ୍ୟ ମାନଙ୍କ ଭଳି ପ୍ରାଣୀମାନଙ୍କର ବଂଚିବାର ମୌଳିକ ଅଧିକାର ଅଛି। ତେଣୁ ଉଭୟ ବନ୍ୟ ଓ ଗୃହ ପାଳିତ ପ୍ରାଣୀମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା, ଦୟା ଓ ସମ୍ବେଦନଶୀଳ ମନୋଭାବ କଲେ ସମାଜର କଲ୍ୟାଣ ସାଧିତ ହୋଇ ପାରିବ ବୋଲି ଆଜି ଅତିଥିମାନେ ମିଳିତ ଭାଷଣ ପ୍ରସଙ୍ଗରେ ପ୍ରକାଶ କରିଛନ୍ତି।



ପ୍ରାରମ୍ଭରେ ମୁଖ୍ୟ ଅତିଥି ସୋଆ ଓ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଅନ୍ୟ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହିତ ସୋଆ ସଂଗୀତ ଗାନ କରାଯାଇ ଅନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଥିଲା। ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନର ଡିନ ପ୍ରଫେସର ( ଡଃ ) ସୁଶାନ୍ତ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ ସହ ମୁଖ୍ୟ ଅତିଥି କୁଳପତି ପ୍ରଫେସର ନନ୍ଦ ମନୁଷ୍ୟ ଜୀବନ ଧାରଣ କରିବାରେ ପ୍ରାଣୀଙ୍କ ଅବଦାନ ଏବଂ ସେମାନଙ୍କର ମନୁଷ୍ୟ ପ୍ରତି ବିନା ସର୍ତ୍ତ ରେ ବହୁ ଉପକାର କରୁଥିବା ପ୍ରାଣୀ ବେଶ ଗୁରୁତ୍ୱପୂର୍ଣ ଭୂମିକା ଥିବାରୁ ସେମାନଙ୍କ ସୁରକ୍ଷା ପ୍ରତି ଆମେ ବିଶେଷ ଧ୍ୟାନ ଦେବା ଉଚିତ ବୋଲି ନିଜ ବକ୍ତବ୍ୟରେ କହିଥିଲେ।

ସେହିପରି ସମ୍ମାନିତ ଅତିଥିଭାବେ ପ୍ରଫେସର ଡଃ ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ମନୁଷ୍ୟ ଓ ପ୍ରାଣୀର କ୍ରମ - ବିକାଶ, ପରିବେଶ, ପ୍ରକୃତି,ପ୍ରାଣୀଙ୍କ ଅବଦାନ ଓ ଜଳବାୟୁ ପରିବର୍ତ୍ତନ ଉପରେ ଆଲୋକପାତ କରିଥିବାବେଳେ ମେଜର ଜେନେରାଲ ଡଃ ପ୍ରଦୀପ କୁମାର ପଟ୍ଟନାଏକ ହିନ୍ଦୁ ପୌରାଣିକ ଓ ମହାଭାରତ ସହିତ ପ୍ରାଣୀଙ୍କ ସମ୍ପର୍କ ଯଥା - କାମଧେନୁ, ଐରାବତ, ହସ୍ତୀ, ଅଶ୍ୱସ୍ଥାମା, ସ୍ୱାନ, ଇଗଲ ଆଦି ଉପରେ ବର୍ଣ୍ଣନା କରିଥିଲେ।

ଏହାପରେ ବକ ?ତା ପ୍ରତିଯୋଗିତା ରେ ୪ ଜଣ ଛାତ୍ର ଛାତ୍ରୀ ଓ କୁଇଜ୍ ପ୍ରତିଯୋଗିତା ରେ ୮ ଜଣ ଛାତ୍ର ଛାତ୍ରୀଙ୍କୁ ୫ହଜାର, ୩ ହଜାର, ୨ ହଜାର, ୧ ହଜାର ଲେଖାଏଁ ଅର୍ଥ ରାଶି ସହିତ ମାନପତ୍ର ଆଦି ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଡଃ ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ ତାଙ୍କର ସହଧର୍ମିଣୀ ରାଷ୍ଟ୍ରପତି ଓ ରାଜ୍ୟ ପୁରସ୍କାର ପ୍ରାପ୍ତ ଡଃ ଶଶୀପ୍ରଭା ପଟ୍ଟନାୟକଙ୍କ ସମ୍ମାନାର୍ଥ ? ଡିବେଟ ପ୍ରତିଯୋଗିତା ରେ ପ୍ରଥମ ହୋଇଥିବା ଅଙ୍କିତା ଚୌଧୁରୀଙ୍କୁ ୫ ହଜାର ଟଙ୍କା ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଥିଲେ।

ଏହାପରେ ଡଃ ବୀର କିଶୋର ପରିଡାଙ୍କ ଦ୍ୱାରା ଲିଖିତ ଓ ବନଫୁଲ ର ପବିତ୍ର ବ୍ରହ୍ମପୁତ୍ର ନାୟକ ଦ୍ୱାରା ପ୍ରକାଶିତ ପୁସ୍ତକ ' ଭାରତରେ ଟିକା ବିକାଶ କାହାଣୀ ' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।

ଧନ୍ୟବାଦ ଅର୍ପଣ କରିଥିଲେ - ଓଡିଶା ପ୍ରାଣୀ ବିକାଶ ସମିତି, ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ପ୍ରଫେସର ( ଡଃ )ଶ୍ରୀନିବାସ ଦାସ।

# ଓଡିଶା ପ୍ରାଣୀ ବିକାଶ ସମିତିର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ

ଭୁବନେଶ୍ୱର,୫/୧୦:ସୋଆ ବିଶ୍ୱ ବିଦ୍ୟାଳୟର ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ଓଡିଶା ପ୍ରାଣୀ ବିକାଶ ସମିତି ଏବଂ ଓଡିଶା ପ୍ରାଣୀ ଚିକିତ୍ସା ପରିଷଦ ର ମିଳିତ ଆନୁକୂଲ୍ୟରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ ଅବସରରେ ସୋଆ ବିଶ୍ୱ ବିଦ୍ୟାଳୟ କ୍ୟାମ୍ପସ -୪ ସ୍ଥିତ ଅଡିଟୋରିୟମ୍ ହଲରେ ପ୍ରାଣୀ ବିକାଶ ସମିତିର ବାର୍ଷିକ ସାଧାରଣ ଅଧିବେଶନ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବରିଷ୍ଠ ପ୍ରାଣୀ ଚିକିତ୍ସକ ମାନଙ୍କ ଦ୍ୱାରା ଜାତୀୟ ସଂଗୀତ ଗାନ କରାଯାଇଥିଲା।ଏହାପରେ ଓଡିଶା ପ୍ରାଣୀ ବିକାଶ ସମିତି ର ସଭାପତି ପ୍ରଫେସର ( ଡଃ ) ସୁଶାନ୍ତ କୁମାର ଦାସ ସମସ୍ତ ଉପସ୍ଥିତ ସଦସ୍ୟ ମାନଙ୍କୁ ସ୍ୱାଗତ କରିବା ସହ ନିକଟରେ ଦେହାନ୍ତ ଘଟିଥିବା ଡଃ. ସୁବାସ ମୁଖାର୍ଜୀ ଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନିରବ ପାର୍ଥନା କରିଥିଲେ। ତାପରେ ପ୍ରାଣୀ ବିକାଶ ସମିତିର ଭୁବନେଶ୍ୱର ଚାପଟରରେ ନୂତନ ଭାବେ ଯୋଗଦାନ କରିଥିବା ୧୬ ଜଣ ସଦସ୍ୟ ମାନଙ୍କୁ ସ୍ୱାଗତ କରିବା ସହ ପୁଷ୍ପ ଗୁଚ୍ଛ ଓ ସମିତିର ପୁସ୍ତିକା ପ୍ରଦାନ କରି ସଭାପତି ପ୍ରଫେସର ଡଃ ଦାସ ସମ୍ବର୍ଦ୍ଧିତ କରିଥିଲେ। ସଭାପତି ଙ୍କ ଆହ୍ୱାନ କ୍ରମେ ସମ୍ପାଦକ ଡଃ ବୀର କିଶୋର ପରିଡା ତା ୨୫.୦୪.୨୬ ରିଖରେ ଅନୁଷ୍ଠିତ ସାଧାରଣ ବୈଠକର ପ୍ରୋସିଡିଂ ପାଠ କରିବା ସହ ସମିତିର ବାର୍ଷିକ ଅଗ୍ରଗତି ସମ୍ପର୍କିତ ବିବରଣୀ ଉପସ୍ଥାପନା କରିଥିଲେ। ସମିତିର ବର୍ଷକର ଆର୍ଥିକ ବିବରଣୀ ପ୍ରଦାନ କରାଯାଇଥିଲା।

ଚଳିତ ବର୍ଷ ଏହି ପ୍ରାଣୀ ଦିବସ ପାଳନ ଅବସରରେ ୧୦୫ ଜଣରୁ ଊର୍ଦ୍ଧ୍ୱ ଅବସର ପ୍ରାପ୍ତ ପ୍ରାଣୀ ଚିକିତ୍ସକମାନଙ୍କୁ ସେମାନଙ୍କର ଉତ୍ସର୍ଗୀକୃତ ସେବା ପ୍ରଦାନ ଓ ସମିତିରେ ସକ୍ରିୟ ଅଂଶ ଗ୍ରହଣ କରିଥିବାରୁ ମେମେଣ୍ଟ ଏବଂ ଆଇ. ଆଇ. ଏଲ ତରଫରୁ କାପ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା।

# ଓଡ଼ିଶାର ପ୍ରମୁଖ ଯୁବ ଓ ଛାତ୍ର ନେତୃତ୍ୱ ଓଜେସିରେ ସାମିଲ

ଭୁବନେଶ୍ୱର ,୫/୧୦: ରାଜ୍ୟର ପ୍ରମୁଖ ଯୁବ-ଛାତ୍ର ଚେହେରା ତଥା ପୂର୍ବତନ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଓ ରାଜ୍ୟ ଯୁବ କଂଗ୍ରେସ ଲିଗାଲ ସେଲ୍ ର ଅଧ୍ୟକ୍ଷ ଆଦିତ୍ୟ ପ୍ରସାଦ ପରିଡ଼ାଙ୍କ ନେତୃତ୍ୱରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ବିଶିଷ୍ଟ ଯୁବ ଓ ଛାତ୍ର ନେତା ପୀୟୁଷ୍ ମହାନ୍ତି, ସଞ୍ଜିତ୍ ଚୌଧୁରୀ, ରାଘବ ବିରମାନୀ, ବିକ୍ରମ ପଣ୍ଡା, ଶୁଭମ ସାମଲ, ପ୍ରଦୀପ ଦାସ, ରାଜୀବ ତ୍ରିପାଠୀ, ଲିପ୍ସା ଦାସ, ଦର୍ଶନ ବରାଳ, ପ୍ରିୟଙ୍କା ଦାସ, ସର୍ବ ?ଶ୍ୱର ପାତ୍ର, ଶିବ୍ ମହାରଣା, ତସଲିନ ଅହମ୍ମଦ, ସ୍ୱାଧୀନ ସିଂ, ପ୍ରିନ୍ସ ବିଶ୍ୱରଞ୍ଜନ ମୁଖୀ, ରାଜା ପରିଡ଼ା, ବିଷ୍ଣୁ ପ୍ରସାଦ ପାଲ୍ ଓ ରୁଦ୍ର ପ୍ରସାଦ ମାଝୀ ପ୍ରମୁଖଙ୍କ ସମେତ ୪ଶହରୁ ଊର୍ଦ୍ଧ୍ୱ ଯୁବ ଓ ଛାତ୍ରନେତା ଓଡ଼ିଶା ଜନତା କଂଗ୍ରେସର ଆଦର୍ଶରେ ଅନୁପ୍ରାଣୀତ ହୋଇ ଏବଂ ସଭାପତି ଇଂ ମହମ୍ମଦ ମୋକିମଙ୍କ ପ୍ରତି ଆସ୍ଥା ପ୍ରକଟ କରି ବିଧିବଦ୍ଧ ଭାବରେ ଦଳରେ ଯୋଗଦାନ କରିଛନ୍ତି । ଆଜିର ଏହି ମିଶ୍ରଣ ପର୍ବ ପାଇଁ ଯୁବ ଓ ଛାତ୍ର ନେତୃତ୍ୱମାନେ ସ୍ଥାନୀୟ ସହିଦନଗର ଦୁର୍ଗାପୂଜା ମଣ୍ଡପ ନିକଟରେ ଏକତ୍ରିତ ହୋଇ ସେଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଓଜେସି ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ ।

ରାଜ୍ୟ ଓଜେସି କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ଉପରୋକ୍ତ ନେତୃତ୍ୱମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।



ପ୍ରଥମେ ଓଜେସି ସଭାପତି ଇଂ ମହମ୍ମଦ ମୋକିମ୍ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସମସ୍ତଙ୍କୁ ଦଳରେ ସାମିଲ କରାଇଥିଲେ । ଏହି ମିଶ୍ରଣ ପର୍ବରେ ସେ କହିଥିଲେ ଯେ, ଓଜେସି ହେଉଛି ଜେନ-ଜିଙ୍କ ଦଳ ଏବଂ ଆଜି ଓଡ଼ିଶାର ପ୍ରମୁଖ ଯୁବ ଓ ଛାତ୍ର ନେତାମାନଙ୍କର ଦଳରେ ଯୋଗଦାନ ଆଗାମୀ ଦିନରେ ଓଡ଼ିଶାରେ ଦଳର ସଂଗଠନକୁ ମଜବୁତ କରିବାରେ ସହାୟକ ହେବ । ଓଜେସି ସବୁବେଳେ ଦକ୍ଷ ଏବଂ ସାଂଗଠନିକ କ୍ଷମତା ଥିବା ଜେନ୍-ଜି ମାନଙ୍କୁ ଓଡ଼ିଶା ରାଜନୀତିରେ ସୁଯୋଗ ଦେବାପାଇଁ ପ୍ରୟାସରତ । ଆଜି ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ନିଜର ଦକ୍ଷତା ଏବଂ ନେତୃତ୍ୱ ନେବାର କ୍ଷମତା ଥିବା ଯୁବ ଓ ଛାତ୍ରନେତାମାନେ ଓଜେସିକୁ ସେମାନଙ୍କର ରାଜନୈତିକ କର୍ମଭୂମି ଭାବରେ ବାଛିଥିବାରୁ ସେମାନଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି । ଆଗାମୀ ଦିନରେ ଓଜେସି ତା'ର ଛାତ୍ର ସଂଗଠନକୁ ସକ୍ରିୟ ଏବଂ କ୍ରୀୟାଶୀଳ କରିବା ସହିତ ଓଡ଼ିଶାର କ୍ୟାମ୍ପସ ପଲିଟିକ୍ସରେ ବଛାବଛା ଛାତ୍ରନେତାମାନଙ୍କୁ ସୁଯୋଗ ଦେବାପାଇଁ ସ୍ଥିର କରିଛି । ରାଜ୍ୟରେ ଛାତ୍ରଛାତ୍ରୀ ମାନଙ୍କର ନ୍ୟାଯ୍ୟ ଦାବି ଏବଂ ହକ୍ ର ଲଢେଇ ଲଢ଼ିବା ପାଇଁ ଓଜେସି ବଦ୍ଧପରିକର ।

ଓଜେସିରେ ଯୋଗଦାନ କରିଥିବା ଆଦିତ୍ୟ ପ୍ରସାଦ ପରିଡ଼ା କହିଥିଲେ ଯେ, ସଭାପତି ମହମ୍ମଦ ମୋକିମଙ୍କ ପ୍ରତି ଗଭୀର ଆସ୍ଥା ପ୍ରକଟ କରି ସେ ଦଳରେ ଯୋଗଦାନ କରିଛନ୍ତି । ଆଗାମୀ ଦିନରେ ଓଡ଼ିଶାରେ ଛାତ୍ର ସମାଜକୁ ସଂଗଠିତ କରି ଛାତ୍ରଛାତ୍ରୀ ମାନଙ୍କର ନ୍ୟାୟସଂଗତ ଦାବି ଓ ହକ୍ ର ଲଢେଇ ପାଇଁ ସେ ସଦାସର୍ବଦା ଚେଷ୍ଟା କରିବେ ଏବଂ କ୍ୟାମ୍ପସ ରାଜନୀତିରେ ଓଜେସିର ଛାତ୍ର ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସମସ୍ତ ପ୍ରକାର କାର୍ଯ୍ୟକ୍ରମ କରିବେ ।

ଏହି କାର୍ଯ୍ୟକ୍ରମକୁ ଓଜେସି ମିଡିଆ ସେଲ୍ ମଧ୍ୟକ୍ଷ ପ୍ରଶାନ୍ତ ଶତପଥୀ ସଂଚାଳନ କରିବା ସହିତ ମିଶ୍ରଣ ପର୍ବରେ ଦଳରେ ଯୋଗଦାନ କରିଥିବା ସମସ୍ତ ଯୁବ ଓ ଛାତ୍ର ନେତୃତ୍ୱଙ୍କୁ ଦଳକୁ ସ୍ୱାଗତ କରିଥିଲେ । ସେ କହିଥିଲେ, ୪ଶହରୁ ଊର୍ଦ୍ଧ୍ୱ ଯୁବ ଓ ଛାତ୍ର ନେତାଙ୍କର ଦଳରେ ଯୋଗଦାନ ପ୍ରମାଣିତ କରୁଛି ଯେ, ଓଜେସି ଏକ ନୂଆ ଆଞ୍ଚଳିକ ରାଜନୈତିକ ଦଳ ହୋଇଥିଲେ ମଧ୍ୟ ଏହା କ୍ରମାଗତ ଭାବରେ ଓଡ଼ିଶା ରାଜନୀତିରେ ଜେନ୍-ଜି ଙ୍କର ପ୍ରଥମ ପସନ୍ଦ ଭାବେ ଉଭା ହୋଇଛି । ଦକ୍ଷ ଏବଂ ବଳିଷ୍ଠ ଯୁବ ନେତୃତ୍ୱ ସୁଯୋଗ ଅଭାବରୁ ନିଜର ଦକ୍ଷତା ଅନ୍ୟଦଳରେ ପ୍ରତିପାଦିତ କରିବାପାଇଁ ବିଫଳ ହେବାସମୟରେ ଓଜେସି ସେମାନଙ୍କୁ ନିଜର ଦକ୍ଷତା ଅନୁଯାୟୀ କାର୍ଯ୍ୟ କରିବାର ସୁଯୋଗ ସୃଷ୍ଟି କରିଛି ଏବଂ ଆଗାମୀ ଦିନରେ ନିଜ ନିଜ ଅଞ୍ଚଳରେ ନେତୃତ୍ୱ ନେବାର ସମସ୍ତ ସୁଯୋଗ ଦେବାପାଇଁ ନିଷ୍ପତ୍ତି ନେଇଛି ।

ଅନ୍ୟମାନଙ୍କ ମଧ୍ୟରେ ଯୁବ ଜନତା କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କାଙ୍କ ସହିତ ଓଜେସିର ବରିଷ୍ଠ ନେତୃବୃନ୍ଦ ପ୍ରଦୀପ ପ୍ରଧାନ, ସଞ୍ଜୟ ରାୟ, ଶେଷଦେବ ନନ୍ଦ, ଶୁଭେନ୍ଦୁ ମଲ୍ଲିକ, ସଂଗ୍ରାମ କିଶୋର ମାଝୀ, ଆଦିତ୍ୟ ମିଶ୍ର, ସନ୍ତୋଷ ପାତ୍ର, ଆଦିତ୍ୟ ଗିରି, ସୁରଜିତ ସାହୁ, ରାକେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ସନ୍ତୁ ଗୋପାଳନ ଝଲକ ମାତ୍ର, ଆଗକୁ ବହୁ ଅଫିସର ଚାକିରି ଛାଡିବେ : କଂଗ୍ରେସ



ଭୁବନେଶ୍ୱର,୫/୧୦: ଓଡିଶା ମୁଖ୍ୟ ନିର୍ବାଚନ ଅଧିକାରୀ ସନ୍ତୁ ଗୋପାଳନଙ୍କ ସ୍ୱେଚ୍ଛାକୃତ ଅବସର ନେବା ନିଷ୍ପତ୍ତି ବିଷୟରେ ଆଜି କଂଗ୍ରେସ ଭବନଠାରେ ଗଣମାଧ୍ୟମକୁ ବିବୃତ୍ତି ଦେଇ ପୂର୍ବତନ ବିଧାୟକ ତଥା ଓପିସିସି ଉପସଭାପତି ଡ଼ ଦେବାଶିଷ ପଟ୍ଟନାୟକ କହିଛନ୍ତି ଯେ, ଦେଶର ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କ ବିରୋଧରେ ଏସଆଇଆର ସଂଶୋଧନ ପ୍ରକ୍ରିୟା ଜାଲିଆତିକୁ ନେଇ ଦେଶସାରା ଆନ୍ଦୋଳନ ସୃଷ୍ଟି ହୋଇଥିବା ବେଳେ ଓଡିଶା ନିର୍ବାଚନ ଅଧିକାରୀଙ୍କ ସ୍ୱେଚ୍ଛାକୃତ ଅବସର ଅପିଲ ଘୋର ସନ୍ଦେହ ଘେରକୁ ଆସିଛି ।ଏହା ସ୍ପଷ୍ଟ ହେଉଛି ଯେ ସନ୍ତୁ ଗୋପାଳନଙ୍କ ଉପରେ ବେଆଇନ କାମ କରିବା ପାଇଁ ଚାପ ସୃଷ୍ଟି ହୋଇଛି ଯାହା ତାଙ୍କ ନୈତିକତା ବାହାରେ । ତେଣୁ ସେ ଅବସର ନେବାପାଇଁ ବାଧ ହୋଇଛନ୍ତି କ୍ଷ ପୂର୍ବରୁ ଭୁବନେଶ୍ୱର ଡିସିପି ମୀନା ମଧ ସ୍ୱେଚ୍ଛାକୃତ ଚାକିରି ତ୍ୟାଗ କରିଛନ୍ତି ।ଯାହା ଜଣା ପଡୁଛି ବିଜେପିର ଡବଲ ଇଞ୍ଜିନ ସରକାରର ବୋଲକରା, ଖୋସାମଦକାରୀ, ଲାଞ୍ଚୁଆ, ଦୁର୍ନୀତିଯୁକ୍ତ ଓ ବିଭିନ୍ନ କେଶରେ ଚାପିହୋଇ ରହିଥିବା ଭୟଗ୍ରସ୍ତ ଅଫିସର କେବଳ ରହିବେ । ଭବିଷ୍ୟତରେ ସଚ୍ଚୋଟ, ନିର୍ଭୀକ ଓ କର୍ତ୍ତବ୍ୟପରାୟଣ ସବୁ ଅଫିସର ଗୋଟି ଗୋଟି ହୋଇ ଚାକିରି ଛାଡିବେ ।

ମୁଖ୍ୟମନ୍ତ୍ରୀଙ୍କ କଥା ମନ୍ତ୍ରୀ ମାନୁ ନାହାନ୍ତି, ମନ୍ତ୍ରୀଙ୍କ କଥା ବିଧାୟକ ଶୁଣୁନାହାନ୍ତି । ଯିଏ ଯାହା ହିସାବରେ ମନଇଚ୍ଛା ଶାସନ ଡୋରୀ ଧରିଛି ଫଳରେ ଏହି ଅନୈତିକ ଶାସନରେ କୌଣସି ସଚ୍ଚୋଟ ଅଫିସର ଆଉ କାର୍ଯ୍ୟ କରିବାକୁ ମଙ୍ଗୁନାହାନ୍ତି ।ସନ୍ତୁ ଗୋପାଳନ ଏଭଳି ଏକ ସମୟରେ କାହିଁକି ସ୍ୱେଚ୍ଛାକୃତ ଅବସର ଘୋଷଣା କରିଛନ୍ତି ତାହା ନିଶ୍ଚୟ ଏସଆଇରକୁ ନେଇ ପ୍ରବଳ ଚାପ ହୋଇଥିବ ବୋଲି ଡ଼ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

ସେ କହିଛନ୍ତି ଯେ, ଧୀରେ ଧୀରେ କର୍ତ୍ତବ୍ୟପରାୟଣ ଅଫିସର ଶାସନରୁ ଦୁରେଇ ଯିବା ରାଜ୍ୟ ସରକାରଙ୍କ ଅଯୋଗ୍ୟତାକୁ ଦର୍ଶାଉଛି ଏବଂ ଏତଦ୍ୱାରା ରାଜ୍ୟର ବିକାଶ ଉପରେ ଗୁରୁତର ବାଧା ସୃଷ୍ଟି ହେଉଛି ।

# ଲିଙ୍ଗରାଜ ପାସେଞ୍ଜର ହଲ୍ଟ ନାମ ପରିବର୍ତ୍ତନ ସହିତ ଟିକେଟ ଗୃହ ପରିବର୍ତ୍ତନ

ଭୁବନେଶ୍ୱର ,୫/୧୦: ମିଳିତ କ୍ରିୟାନୁଷ୍ଠାନ କମିଟି ଓ ସେବା ପ୍ରତିନିଧିର ମିଳିତ ଉଦ୍ୟମରେ ଲିଙ୍ଗରାଜ ପାସେଞ୍ଜର ହଲ୍ଟରେ ୬୪ ମାସ ହେବ ଶାନ୍ତି ପୂର୍ଣ୍ଣ ଧାରଣାର ନେତୃତ୍ୱ ନେଇଛନ୍ତି ସମାଜ ସେବକ ନୀଳମଣି ମିଶ୍ର।

ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଦୃଢ଼ ପଦକ୍ଷେପ ଦ୍ୱାରା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲିଙ୍ଗରାଜ ପାସେଞ୍ଜର ହଲ୍ଟ ନିମନ୍ତେ ଦୁଇ କୋଟି ଏଗାର ଲକ୍ଷ ଟଙ୍କା ବ୍ୟବସ୍ଥା କରିଥିଲେ। ଓଡ଼ିଶାରେ ୫୯ ଟି ରେଳ ଷ୍ଟେସନର ଉନ୍ନତି ନିମନ୍ତେ ଯେଉଁ ବ୍ୟବସ୍ଥା ହେଲା




ତାହା ଭିତରେ ଲିଙ୍ଗରାଜ ପାସେଞ୍ଜର ହଲ୍ଟଟି ସ୍ଥାନ ପାଇଥିଲା। ବର୍ତ୍ତମାନରେଳ ଟିକେଟରେ ଲିଙ୍ଗରାଜ ପାସେଞ୍ଜର ହଲ୍ଟ ନାମ ପରିବର୍ତ୍ତନ ହୋଇ ଲିଙ୍ଗରାଜ ରୋଡ଼ ସ୍ଥାନ ପାଇଛି। ଲିଙ୍ଗରାଜ ପାସେଞ୍ଜର ହଲ୍ଟର ଟିକେଟ କାଉଣ୍ଟର ନୂଆ ଘରକୁ ଦୁଇ ଦିନ ହେବ ସ୍ଥାନାନ୍ତରିତ ହୋଇଛି। ପ୍ଲାଟଫର୍ମମାନଙ୍କରେ ଦୂରଗାମୀ ଟ୍ରେନ ବଗି ନମ୍ବର ମରାଗଲାଣି। ତିନୋଟି ପ୍ଲାଟଫର୍ମର ଚାରି ଗୋଟି ଲିଫ୍ଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନୂତନ ଟିକେଟ ଗୃହକୁ ସୁରକ୍ଷା ନିମନ୍ତେ କୌ।ଣସି ବ୍ୟବସ୍ଥା କରାଯାଇନାହିଁ। ଦୂରଦୂରାନ୍ତକୁ ଯିବା ନିମନ୍ତେ ଟିକେଟ ସଂରକ୍ଷଣ ଗୃହ କାର୍ଯ୍ୟକାରୀ କରାଯାଇନାହିଁ କିମ୍ବା ଗୃହରେ ଏ. ସି .ର ବ୍ୟବସ୍ଥା ବି କରାଯାଇନାହିଁ। ସବୁଠାରୁ ବଡ଼ କଥା ହେଲା ମହାପ୍ରଭୁ ଲିଙ୍ଗରାଜଙ୍କ ନାମରେ ଷ୍ଟେସନ ରୋଡ଼ କରାଗଲା ।କୋଣ ଅନୁକୋଣରୁ ଯାତ୍ରୀ ଆସୁଥିଲେ ମଧ୍ୟ ଅଦ୍ୟାବଧି ଲିଙ୍ଗରାଜଙ୍କ ନାମରେ ଟ୍ରେନ ନାମକରଣ କରାଗଲା ନାହିଁ। ଅଶାନ୍ତି ଅସନ୍ତୋଷ ପୁଞ୍ଜିଭୂତ ହେବାରେ ଲାଗିଛି ।ଅଟୋ ଷ୍ଟାଣ୍ଡ ଶିଶୁମାନଙ୍କ ସ୍ତନ୍ୟପାନ ଗୃହ,୫ ଟଙ୍କିଆ ଆହାର କେନ୍ଦ୍ର, ପରିଷ୍କାର ପରିଚ୍ଛନ୍ନ ଓ ବିଶୁଦ୍ଧ ଜଳ ଅଦ୍ୟାବଧି ବ୍ୟବସ୍ଥା କରାଯାଇନାହିଁ। ତେଣୁ ଏଗୁଡ଼ିକ ପ୍ରତି ଦୃଷ୍ଟି ଦେବାକୁ ଶ୍ରୀ ମିଶ୍ରଙ୍କ ସହିତ ଦାମୋଦର ସାମନ୍ତରାୟ, ଉଲ୍ଲାସ ଚନ୍ଦ୍ର ମହାପାତ୍ର, ଅଶୋକ କୁମାର ମହାରଣା, ପ୍ରଦୀପ କୁମାର ରାୟ, ରଙ୍କନିଧି ପଟ୍ଟନାୟକ, ବଂଶୀଧର ପଣ୍ଡା, ସତ୍ୟନାରାୟଣ ସାମନ୍ତସିଂହାର, ଦିଲ୍ଲୀପ ସାହୁ, ଡାକ୍ତର ସୁଦର୍ଶନ ବଳିଆରସିଂ, ସୁରେଶ କୁମାର ଦାସ ଓ ଅନେକ ଦାବି କରିଛନ୍ତି।

# ଆର୍ଯ୍ୟସମାଜ ପକ୍ଷରୁ ଆସନ୍ତା ୧୧ରେ ନବମାତୃକା ପୂଜା

ଭୁବନେଶ୍ୱର ,୫/୧୦: ପୂର୍ବବର୍ଷମାନଙ୍କ ଭଳି ଚଳିତବର୍ଷ ଆଶ୍ୱିନମାସ ଶୁକ୍ଳପକ୍ଷ, ପ୍ରତିପଦା ତିଥି, ନବରାତ୍ର ପୂଜାର ପ୍ରଥମ ଦିବସରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଆସନ୍ତା ୧୧ ତାରିଖ ପୂର୍ବାହ୍ନରେ ଚନ୍ଦ୍ରଶେଖରପୁର, ଶ୍ରୀଅରବିନ୍ଦ ନଗରସ୍ଥିତ ସ୍ୱାମୀ ବ୍ରହ୍ମାନନ୍ଦ ଭବନଠାରେ ନବମାତୃକା ପୂଜା ଅନୁଷ୍ଠିତ ହେବ ବୋଲି ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ୍‌ବାର୍ତ୍ତାରେ ସୂଚନା ଦେଇଛନ୍ତି।

ସମାଜରେ 'ମା'ମାନଙ୍କୁ ପୂଜା କରିବାର ବାର୍ତ୍ତା ଦେବା ପାଇଁ, ସମାଜର ବିଭିନ୍ନ ବର୍ଗର ୯ ଜଣ 'ମା' ସର୍ବଶ୍ରୀମତୀ ଅର୍ଣ୍ଣପୂର୍ଣ୍ଣା ଦ୍ୱିବେଦୀ, ମିତା ମହାପାତ୍ର, କାମିନୀ ମଞ୍ଜରୀ ସିଂହ, ସବିତା ଶୁକ୍ଳ, ସାବିତ୍ରୀ ନାୟକ, ସୁଲୋଚନା ପ୍ରାଣିଗ୍ରାହୀ, ବୀଣାପାଣି ଜେନା, ଗୌରୀବାଳା ପାଣିଗ୍ରାହୀ ଓ ଡଃ ନିବେଦିତା ପଟ୍ଟନାୟକ 'ନବମାତୃକା' ଭାବେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ଓ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ର ସମାଜସେବୀକା ଶ୍ରୀମତୀ ବିଦ୍ୟୁଲତା ଦାଶଙ୍କୁ ପ୍ରଥମ "ନବମାତୃକା ସମ୍ମାନ" ପ୍ରଦାନ କରାଯିବ ବୋଲି ପୁରୀ ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ତଥା ନବମାତୃକା ପୂଜା କମିଟିର ଅଧ୍ୟକ୍ଷା ଶ୍ରୀମତୀ ମଞ୍ଜୁ ମହାନ୍ତି କହିଛନ୍ତି।

# ବେଲଗୁଣ୍ଠା ବ୍ଲକ ବରିଷ୍ଠ କଳାକାର ସଂଘର କାର୍ଯ୍ୟାଳୟ ସ୍ଥାପନ ନିମନ୍ତେ ପ୍ରସ୍ତୁତି ବୈଠକ



ବେଲଗୁଣ୍ଠା (ଲୁଦୁଲୁଦି),୫/୧୦: କଳା ଓ କଳାକାର ହିତୈଷୀ ମହାମଞ୍ଚ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ ବେଲଗୁଣ୍ଠା ବ୍ଲକ ଶାଖା'ର କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ଉପଦେଷ୍ଟା ନାଟ୍ୟକାର ସୁରେନ୍ଦ୍ର କୁମାର ଜେନାଙ୍କ ଲୁଦୁଲୁଦି ଗ୍ରାମସ୍ଥ ବାସଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ବେଲଗୁଣ୍ଠା ଶାଖା ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହାସଂଘ ଉପଦେଷ୍ଟା ନାଟ୍ୟକାର ଜେନା ଏବଂ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ ଅତିଥିଭାବେ ଯୋଗଦେଇ ଗୋବରା ମରେଇପାଟ ରାସ୍ତାରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ସଂଘ କାର୍ଯ୍ୟାଳୟ ନିମନ୍ତେ ପ୍ରଦର୍ଶିତ ଜାଗା ଦେଖି ଆସି କାର୍ଯ୍ୟାଳୟ ଓ ଛୋଟିଆ ସଭାଗୃହ ନିମନ୍ତେ ଭଲ ଜାଗାଟିଏ ବୋଲି କହିବା ସହିତ ସମ୍ପୃକ୍ତ ବିଭାଗ ସହିତ ବିଧିବତ୍ ଯୋଗାଯୋଗ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସଂଘ ନାମରେ କାଗଜ ପତ୍ର ହେବା ପରେ ଗୃହ ନିର୍ମାଣ ଏବଂ ଭଲଦିନ ଦେଖି ଉକ୍ତ ଜାଗାକୁ ତାରବାଡ଼ ଦେବା ସହିତ ଭୂମି ପୂଜନ କାର୍ଯ୍ୟକ୍ରମ କରିବା ନେଇ ବୈଠକରେ ନିଷ୍ପତି ନିଆଯାଇଥିଲା। ବୈଠକରେ ସର୍ବଶ୍ରୀ ବାଲ୍ମିକି ମହନ୍ତି, ନାରାୟଣ ଗୌଡ଼, ଶିବରାମ ରାଉତ, ରମେଶ ଗୌଡ଼,ରାଜେନ୍ଦ୍ର ଗୌଡ଼, ଗନ୍ଧର୍ବ ସ୍ୱାଇଁ, ପ୍ରଫୁଲ୍ଲ ଗୌଡ଼, ରଙ୍କନିଧି ଗୌଡ଼ ପ୍ରମୁଖ ସଦସ୍ୟମାନେ ଅଂଶ ଗ୍ରହଣ କରିଥିଲେ। ଶାଖା ସଂଘ ସମ୍ପାଦକ ରଞ୍ଜିତ କୁମାର ପାତ୍ର ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବ୍ଲକ ସଂଯୋଜକ ଈଶ୍ୱର ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ରାଞ୍ଚଳର ନବନିଯୁକ୍ତ ସବ୍-ଇନ୍ସପେକ୍ଟରମାନଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ




କଟକ, ,୫/୧୦:: କେନ୍ଦ୍ରାଞ୍ଚଳ ଅଧୀନସ୍ଥ ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ପ୍ରାୟ ୮୦ ଜଣ ନବନିଯୁକ୍ତ ସବ୍-ଇନ୍ସପେକ୍ଟରଙ୍କ ପାଇଁ ଆଜି କଟକସ୍ଥିତ ଆଇପିଏସ୍ ଅଫିସର୍ସ ମେସ୍‌ର ପାଢ଼ୀ ମେମୋରିଆଲ୍ ହଲ୍‌ରେ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ନବନିଯୁକ୍ତ ଅଧିକାରୀମାନଙ୍କୁ ପୋଲିସ୍ ଦାୟିତ୍ୱ, ସମସାମୟିକ ଅପରାଧ ଏବଂ ପୋଲିସିଂର ବିଭିନ୍ନ ଦିଗ ସମ୍ପର୍କରେ ଆବଶ୍ୟକୀୟ ମାର୍ଗଦର୍ଶନ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଓଡ଼ିଶାର ଡିଜିପି ଶ୍ରୀ ବିନୟତୋଷ ମିଶ୍ର, ଆଇପିଏସ୍ ଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡଃ ସତ୍ୟଜିତ ନାଏକ, ଆଇଜିପି, କେନ୍ଦ୍ରାଞ୍ଚଳ, କଟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିଯୁକ୍ତ ସବ୍-ଇନ୍ସପେକ୍ଟରମାନଙ୍କୁ ସମ୍ବୋଧିତ କରିଥିଲେ ଏବଂ ସେମାନଙ୍କ ସହ ଆଲୋଚନା କରିଥିଲେ।

ନବନିଯୁକ୍ତ ଅଧିକାରୀମାନଙ୍କୁ ସମ୍ବୋଧିତ କରି ଡଃ ସତ୍ୟଜିତ ନାଏକ ଶୃଙ୍ଖଳା, ବୃତ୍ତିଗତ ସଚ୍ଚୋଟତା, ନାଗରିକମାନଙ୍କ ପ୍ରତି ସମ୍ବେଦନଶୀଳତା ଏବଂ ଆଇନର ଶାସନ ପ୍ରତି ସମ୍ମାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପରିବର୍ତ୍ତିତ ଅପରାଧର ସ୍ୱରୂପ ଓ ପୋଲିସିଂରେ ଆସୁଥିବା ନୂତନ ଆହ୍ୱାନକୁ ଦୃଷ୍ଟିରେ ରଖି ନିଜ ଜ୍ଞାନ ଓ ଦକ୍ଷତାକୁ ନିରନ୍ତର ଭାବେ ବିକଶିତ କରିବା ସହ ନିଷ୍ଠା, ନିରପେକ୍ଷତା ଓ ବୃତ୍ତିଗତ ମନୋଭାବର ସହିତ ଦାୟିତ୍ୱ ତୁଲାଇବାକୁ ସେ ନବନିଯୁକ୍ତ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ।

ଶ୍ରୀ ମାଦକର ସନ୍ଦୀପ ସମ୍ପତ, ଆଇପିଏସ୍, ଡିଆଇଜି, କ୍ରାଇମ୍ ବ୍ରାଞ୍ଚ, ଓଡ଼ିଶା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଇବର ଅପରାଧର ସମସାମୟିକ ପରିସ୍ଥିତି ଓ ବିଭିନ୍ନ ଦିଗ ଉପରେ ଏକ ବିଶେଷ ଅଧିବେଶନ ନେଇଥିଲେ। ସେ ସାଇବର ଅପରାଧର ନୂତନ ରୂପ, ପ୍ରଯୁକ୍ତିଭିତ୍ତିକ ଅପରାଧର ତଦନ୍ତ ସମୟରେ ଦେଖାଦେଉଥିବା ଆହ୍ୱାନ ଏବଂ ଏଭଳି ଅପରାଧର ମୁକାବିଲା ପାଇଁ ପ୍ରଯୁକ୍ତିଗତ ଜ୍ଞାନ ଓ ତଦନ୍ତ ଦକ୍ଷତା ବୃଦ୍ଧିର ଆବଶ୍ୟକତା ସମ୍ପର୍କରେ ଅଧିକାରୀମାନଙ୍କୁ ସଚେତନ କରିଥିଲେ।

ଡଃ ରାମ କିଶୋର ଶର୍ମା, ନ୍ୟାସନାଲ୍ କ୍ୟାରିଅର୍ ସର୍ଭିସେସ୍ ଏବଂ ପୂର୍ବତନ ମୁଖ୍ୟ, ଏନ୍ ?ସିଡିଏସ୍, ଭାରତ ସରକାର ସମ୍ବଳ ଭାବେ ଯୋଗଦେଇ ନବନିଯୁକ୍ତ ଅଧିକାରୀମାନଙ୍କ ସହ ବୃତ୍ତିଗତ ବିକାଶ, କ୍ୟାରିଅର୍ ଓ ଦାୟିତ୍ୱ ସହ ଜଡ଼ିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ତାଙ୍କ ଅଧିବେଶନରେ ବୃତ୍ତିଗତ ବିକାଶ, କାର୍ଯ୍ୟକ୍ଷେତ୍ରରେ ଆସୁଥିବା ଆହ୍ୱାନ ଏବଂ ନିଜ ଦାୟିତ୍ୱ ପ୍ରତି ସନ୍ତୁଳିତ ଓ ଦାୟିତ୍ୱବାନ ମନୋଭାବ ବିକଶିତ କରିବା ଉପରେ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା।

କେନ୍ଦ୍ରାଞ୍ଚଳର ବରିଷ୍ଠ ପୋଲିସ୍ ଅଧିକାରୀମାନେ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ନବନିଯୁକ୍ତ ସବ୍-ଇନ୍ସପେକ୍ଟରମାନଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ପରମାର ସ୍ମିତ, ଆଇପିଏସ୍, ଏସ୍ ?ପି, ଖୋର୍ଦ୍ଧା; ଶ୍ରୀ ପ୍ରତୀକ ସିଂହ, ଆଇପିଏସ୍, ଏସ୍ ?ପି, ପୁରୀ; ଶ୍ରୀ ବିନିଥ ଅଗରୱାଲ, ଆଇପିଏସ୍, ଏସ୍ ?ପି, କଟକ; ଶ୍ରୀ ସିଦ୍ଧାର୍ଥ କାଟେରିଆ, ଆଇପିଏସ୍, ଏସ୍ ?ପି, କେନ୍ଦ୍ରାପଡ଼ା; ଶ୍ରୀ ସୁଭେନ୍ଦୁ ପାତ୍ର, ଏସ୍‌ପି, ନୟାଗଡ଼; ଏବଂ ଶ୍ରୀ ଅଙ୍କିତ କୁମାର ବର୍ମା, ଏସ୍ ?ପି, ଜଗତସିଂହପୁର ନିଜ ଅଭିଜ୍ଞତା ବାଣ୍ଟିବା ସହ କ୍ଷେତ୍ରସ୍ତରୀୟ ପୋଲିସିଂ, ନେତୃତ୍ୱ, ବୃତ୍ତିଗତ ଆଚରଣ ଏବଂ ଦାୟିତ୍ୱର ପ୍ରଭାବୀ ନିର୍ବାହ ସମ୍ପର୍କରେ ନବନିଯୁକ୍ତ ଅଧିକାରୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମ ନବନିଯୁକ୍ତ ସବ୍-ଇନ୍ସପେକ୍ଟରମାନଙ୍କୁ ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନଙ୍କ ସହ ସିଧାସଳଖ ଆଲୋଚନା କରିବାର ସୁଯୋଗ ଦେଇଥିଲା। ଏହା ମାଧ୍ୟମରେ ସେମାନେ ନିଜ ନୂତନ ଭୂମିକା, ଦାୟିତ୍ୱ ଓ ପୋଲିସିଂରେ ଆଶା କରାଯାଉଥିବା ବୃତ୍ତିଗତ ମାନଦଣ୍ଡ ସମ୍ପର୍କରେ ବ୍ୟାପକ ଧାରଣା ପାଇଥିଲେ। କାର୍ଯ୍ୟକ୍ରମରେ ବୃତ୍ତିଗତ ଦକ୍ଷତା ବୃଦ୍ଧି, ନେତୃତ୍ୱ ଗୁଣର ବିକାଶ, ନୂତନ ଆହ୍ୱାନର ମୁକାବିଲା ଏବଂ ନାଗରିକକେନ୍ଦ୍ରିକ ପୋଲିସିଂ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ।ଅତିରିକ୍ତ ଏସ୍‌ପି ଶ୍ରୀ ଅଶ୍ୱିନୀ କୁମାର ସାହୁ ଏବଂ ଅତିରିକ୍ତ ଏସ୍ ?ପି ଶ୍ରୀମତୀ ମୀନାକ୍ଷୀ ଠାକୁର କାର୍ଯ୍ୟକ୍ରମର ସମନ୍ୱୟ ଓ ପରିଚାଳନାରେ ସହଯୋଗ କରିଥିଲେ। ବୃତ୍ତିଗତ ଉତ୍କର୍ଷ, ନୈତିକ ଆଚରଣ, ପ୍ରଯୁକ୍ତିଗତ ଦକ୍ଷତା, ନାଗରିକମାନଙ୍କ ପ୍ରତି ସମ୍ବେଦନଶୀଳତା ଏବଂ ନ୍ୟାୟ ଓ ଜନସେବା ପ୍ରତି ଅଟଳ ପ୍ରତିବଦ୍ଧତାର ଗୁରୁତ୍ୱ ଉପରେ ଆଲୋକପାତ କରି ଏହି ଅଭିମୁଖୀକରଣ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଥିଲା।

# ଆଠମଲ୍ଲିକ ବନବିଭାଗର ଚଢ଼ାଉରେ ୧୮୭ ଗୋଟି ବଜ୍ରକାପ୍ତା କାତି ଜବତ



ଆଠମଲ୍ଲିକ ୦୫/୧୦ (ପ୍ରତିଶବ୍ଦ ନ୍ୟୁଜ )-: ବନବିଭାଗ ର ମିଳିତ ଚଢ଼ାଉ ରେ ଆଜି ଆମ୍ବସାରମୁଣ୍ଡା ପଂଚାୟତ, ତାଳ ବିଜପୁର ଗ୍ରାମର ପ୍ରକାଶ ପ୍ରଧାନ ଙ୍କ ଚିକେନ ଦୋକାନ ରୁ ୧୮୭ ଗୋଟି ବଜ୍ରକାପ୍ତା କାତି ଜବତ ହୋଇଛି ଯାହାର ଆନୁମାନିକ ମୂଲ୍ୟ ଦୁଇ ଲକ୍ଷ ରୁ ଅଧିକ ହେବ ବୋଲି ଜଣାପଡିଛି । ପ୍ରକାଶ ଥାଉକି କୈଣସି ବେଶେଷ ସୂତ୍ର ରୁ ଖବର ପାଇ ଆଠମଲ୍ଲିକ ବିନବିଭାଗ ର ବନପାଳ ସୁବ୍ରତ ଶତପଥି, ବନପାଳ ତ୍ରିନାଥ ନାୟକ, ରଂଜିତ ସାହୁ ଓ ସ୍କାର୍ଡ ଟିମ ର ଅନ୍ୟ ସଦସ୍ୟ ମକ୍ଷନେ ଦିନ ୧୧ ରେ ଅତର୍କିତ ଭାବରେ ଶ୍ରୀ ପ୍ରଧାନଙ୍କ ଚିକେନ ଦୋକାନ ରେ ଚଢ଼ାଉ କରି ଥିଲେ, ବିକ୍ରି ପାଇଁ ସବୁ ଯୋଗାଡ଼ ହୋଇ ସାରିଥିବା ବେଳେ ବଜ୍ରକାପ୍ତା କାତି ସହିତ ତାଙ୍କୁ ଜେଲ ର ବାଟ ଦେଖିବାକୁ ପଡିଥିଲା ଏକ ନିରୀହ ପକ୍ଷୀ ର କାତି ମୂଲ୍ୟବାନ ହେବା ଏହି ପକ୍ଷୀ ର କୁଳ ନାଶ ର କାରଣ ହୋଇଛି ବୋଲି ସ୍ଥାନୀୟ ବାସିନ୍ଦା ଆଲୋଚନା କରୁଥିବ ଦେଖା ଯାଇଛି ।

### MICE ନୀତି ପ୍ରସ୍ତୁତି ଓ ସହଭାଗିତା ବୃଦ୍ଧି ପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ

## ନିବେଶ ଓ ଅନୁଭୂତିଭିତ୍ତିକ ଭ୍ରମଣକୁ ପ୍ରୋତ୍ସାହିତ କରିବା ପାଇଁ ଦେଶର ପ୍ରଥମ 'MICE ଇନ୍‌ସେଣ୍ଟିଭ୍ ପୋର୍ଟାଲ୍'ର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା




ଭୁବନେଶ୍ୱର ୫/୧୦: ପର୍ଯ୍ୟଟନ ବିଭାଗ ଏବଂ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚ୍ୟାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (FICCI)ର ମିଳିତ ଆନୁକୂଲ୍ୟରେ ମେଫେୟାର ସାଙ୍କଚୁଆରୀଠାରେ 'ଓଡ଼ିଶା ପାଇଁ ଏକ ମଜବୁତ MICE ନୀତି ପ୍ରସ୍ତୁତି ଓ ସହଯୋଗ' (Inputs on Creating Robust MICE Policy for Odisha and Collaborations) ଶୀର୍ଷକ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଓଡ଼ିଶା ଟ୍ରାଭେଲ ବଜାର ୨୦୨୬ ଅଂଶବିଶେଷ ଭାବେ ଆୟୋଜିତ ଏହି ବୈଠକରେ ରାଜ୍ୟରେ ମିଟିଂ, ଇନ୍‌ସେଣ୍ଟିଭ୍, କନଫରେନ୍ସ ଓ ଏକ୍ସିବିସନ୍ (MICE) ପରିସଂସ୍ଥାର ବିସ୍ତାର ନେଇ ବରିଷ୍ଠ ପ୍ରଶାସନିକ ଅଧିକାରୀ, ଶିଳ୍ପପତି ଓ ମୁଖ୍ୟ ଅଂଶୀଦାରମାନେ ଆଲୋଚନା କରିଛନ୍ତି।

ଏହି ଅବସରରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଆନୁଷ୍ଠାନିକ ଭାବେ 'ଓଡ଼ିଶା ଗଓଉର ଇନ୍ ?ସେଣ୍ଟିଭ୍ ପୋର୍ଟାଲ୍'ର ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା କର୍ପୋରେଟ୍ ସମ୍ମିଳନୀ ପାଇଁ ନିଜର ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିନିଯୋଗ କରିବା ଏବଂ ଆୟୋଜକ ଓ ପର୍ଯ୍ୟଟନ ସଂସ୍ଥାଗୁଡ଼ିକୁ ଆର୍ଥିକ ପ୍ରୋତ୍ସାହନ ଆବେଦନ ପ୍ରକ୍ରିୟା ସହଜ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ପାଲଟିଛି।

ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ଶ୍ରୀମତୀ ପରିଡ଼ା କହିଥିଲେ ଯେ, ଗଓଉର, ଡେଷ୍ଟିନେସନ୍ ୱେଡିଂ, କ୍ରୀଡ଼ା ଆୟୋଜନ ଏବଂ ସାଂସ୍କୃତିକ ଐତିହ୍ୟ ପ୍ରକଳ୍ପଗୁଡ଼ିକୁ ଦ୍ରୁତ ମଞ୍ଜୁରୀ ପ୍ରଦାନ କରିବା ପାଇଁ ସରକାର ଦୃଢ଼ ସଂକଳ୍ପବଦ୍ଧ।

'ଆମର ନିଷ୍ଠାପର ପର୍ଯ୍ୟଟନ ଟିମ୍ ପ୍ରକଳ୍ପ ମଞ୍ଜୁରୀ ପ୍ରକ୍ରିୟାକୁ ସହଜ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି, ଯାହା ଏକ ପ୍ରଗତିଶୀଳ ଓଡ଼ିଶାର ବଦଳୁଥିବା ଚେହେରାକୁ ପ୍ରତିଫଳିତ କରୁଛି,' ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ଡେଷ୍ଟିନେସନ୍ ୱେଡିଂ ଏବଂ ମନ୍ଦିର ବିବାହ ପାଇଁ ବଢୁଥିବା ଆଗ୍ରହ ବିଷୟରେ ଉଲ୍ଲେଖ କରିଥିଲେ। ଭୁବନେଶ୍ୱର ଏକ 'ମନ୍ଦିର ମାଳିନୀ ସହର' ହୋଇଥିବାରୁ ଏହା ଯୁବପିଢ଼ିଙ୍କ ପାଇଁ ଏକ ସ୍ମରଣୀୟ ଅନୁଭୂତି ପ୍ରଦାନ କରିପାରିବ। ମନୋରମ ଫଟୋସୁଟ୍ ସ୍ଥଳଠାରୁ ଆରମ୍ଭ କରି ଆଞ୍ଚଳିକ ଖାଦ୍ୟ ଭ୍ରମଣ ପର୍ଯ୍ୟନ୍ତ, ରାଜ୍ୟରେ ପ୍ରଚୁର ସମ୍ଭାବନା ରହିଛି।

ପର୍ଯ୍ୟଟନ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ବଳବନ୍ତ ସିଂ 'ଓଡ଼ିଶା ପର୍ଯ୍ୟଟନ ନିବେଶ ନୀତି' ଉପରେ ଏକ ଉପସ୍ଥାପନା ପ୍ରଦାନ କରି ରାଜ୍ୟର ବ୍ୟବସାୟିକ ସୁଯୋଗଗୁଡ଼ିକୁ ରେଖାଙ୍କିତ କରିଥିଲେ।

ସେହିପରି ଆଲୋଚନାରେ ଭାଗ ନେଇଥିବା ପ୍ରତିନିଧିମାନେ ଦର୍ଶାଇଥିଲେ ଯେ ଓଡ଼ିଶାର ପର୍ଯ୍ୟଟନ କେବଳ ସାଧାରଣ ଭ୍ରମଣ ସ୍ଥଳୀରେ ସୀମିତ ନୁହେଁ, ବରଂ ଏହାର ଐତିହାସିକ ମନ୍ଦିର, ବୌଦ୍ଧ ସ୍ଥଳୀ, ସମୁଦ୍ରକୂଳ, ପାରମ୍ପରିକ କଳା ଏବଂ ଖାଦ୍ୟ ସଂସ୍କୃତି ନୂତନ ଆୟୋଜନ ପାଇଁ ଅପାର ସୁଯୋଗ ସୃଷ୍ଟି କରେ। ଫିକି ଗଓଉର ପର୍ଯ୍ୟଟନ କମିଟିର ଅଧ୍ୟକ୍ଷ ଶ୍ରୀ ସବ୍ୱାସ ଜୋସେଫ୍ ଓଡ଼ିଶାର ସାଂସ୍କୃତିକ ସମ୍ପଦର ଉପଯୋଗ ନେଇ ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ।

ସେହିପରି ଓଡ଼ିଆ ଖାଦ୍ୟ ସଂସ୍କୃତିର ବ୍ରାଣ୍ଡ ଆମ୍ବାସାଡର ତଥା ସେଲିବ୍ରିଟି ସେଫ୍ ଶ୍ରୀ ରଣବୀର ବ୍ରାର ସାଂସ୍କୃତିକ ପ୍ରାମାଣିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଉଚ୍ଚକୋଟୀର ଭ୍ରମଣ କେବଳ ଅଧିକ ଖର୍ଚ୍ଚ ଉପରେ ନୁହେଁ, ବରଂ ଦୁର୍ଲଭତା ଏବଂ ସାଂସ୍କୃତିକ ଅନୁଭୂତି ଉପରେ ଆଧାରିତ। ସେ କେବଳ ସଭାସ୍ଥଳ ନୁହେଁ, ବରଂ ସ୍ଥାନୀୟ କାହାଣୀକାର, ରାନ୍ଧୁଣିଆ, ପାରମ୍ପରିକ ରେସିପି, ବଜାର ଓ ଆଞ୍ଚଳିକ ପର୍ବପର୍ବାଣିକୁ ଚିହ୍ନଟ କରିବା ପାଇଁ ଏକ ୧୦୦ ଦିନିଆ ମ୍ୟାପିଂ ଅଭିଯାନର ପ୍ରସ୍ତାବ ଦେଇଥିଲେ। ଏହି ବୈଠକ ନୀତି ନିର୍ଦ୍ଧାରକ ଏବଂ ଘରୋଇ କ୍ଷେତ୍ର ମଧ୍ୟରେ ଆଲୋଚନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ସାବ୍ୟସ୍ତ ହୋଇଥିଲା।

## ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନକୁ ଦୃଷ୍ଟିରେ ରଖି ସଂଗଠନ ମଜବୁତ୍ କରିବା ଲକ୍ଷ୍ୟରେ ଆମ୍ ଆଦମୀ ପାର୍ଟି ଭୁବନେଶ୍ୱର ଜିଲ୍ଲା ସଂଗଠନର ଗୁରୁତ୍ୱପୂର୍ଣ୍ଣ ବୈଠକ



ଭୁବନେଶ୍ୱର, ୫/୧୦:ଆମ୍ ଆଦମୀ ପାର୍ଟି, ଭୁବନେଶ୍ୱର ଜିଲ୍ଲା ସଂଗଠନ ପକ୍ଷରୁ କାର୍ଯ୍ୟକର୍ତ୍ତାମାନଙ୍କର ଏକ ସାଂଗଠନିକ ବୈଠକ ଜିଲ୍ଲା ସଭାପତି ଶ୍ରୀ ଜୟସୂର୍ଯ୍ୟ କାନୁନଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆଗାମୀ ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳର ସାଂଗଠନିକ ସ୍ଥିତିକୁ ଅଧିକ ସୁଦୃଢ଼ କରିବା, ଜନସାଧାରଣଙ୍କ ନିକଟରେ ଦଳର ବାର୍ତ୍ତା ପହଞ୍ଚାଇବା ଏବଂ ଲୋକଙ୍କ ସହ ଯୋଡ଼ି ହେବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା।

ଏହି ବୈଠକରେ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ୱାର୍ଡର ପ୍ରତିନିଧି ଓ ନେତୃବୃନ୍ଦ ଯୋଗଦେଇଥିଲେ। ଆଗାମୀ ମହାନଗର ନିଗମ ନିର୍ବାଚନରେ ସମସ୍ତ ୱାର୍ଡରେ ଦଳ ପକ୍ଷରୁ ପ୍ରାର୍ଥୀ ଦିଆଯିବ ବୋଲି ରାଜ୍ୟ ସଭାପତି ଶ୍ରୀ ନିଶିକାନ୍ତ ମହାପାତ୍ର ଏହି ବୈଠକର ଘୋଷଣା କରିଥିଲେ। ଇତ୍ୟବସରରେ ଶ୍ରୀ ମହାପାତ୍ର ସମସ୍ତ କର୍ମକର୍ତ୍ତା ଓ ଦଳୀୟ ନେତୃତ୍ୱଙ୍କୁ ନିଜ ନିଜ ୱାର୍ଡରେ ଅଧିକରୁ ଅଧିକ ସଦସ୍ୟଙ୍କୁ ଦଳ ସହ ଯୋଡ଼ିବାକୁ ଶ୍ରୀ ମହାପାତ୍ର ଆହ୍ୱାନ ଦେଇଥିଲେ। ଆଗାମୀ ନିର୍ବାଚନରେ ଦଳ କିପରି ସଂଗଠିତ ଓ ଶକ୍ତିଶାଳୀ ଭାବେ ନିର୍ବାଚନ ଲଢ଼ିପାରିବ, ସେଥିପାଇଁ ସେ ବିଭିନ୍ନ ସାଂଗଠନିକ ପରାମର୍ଶ କର୍ମକର୍ତ୍ତାଙ୍କୁ ପ୍ରଦାନ କରିଥଲେ।

ପ୍ରତ୍ୟେକ ୱାର୍ଡରେ ୱାର୍ଡ କମିଟି ଗଠନ କରିବା ସହ ସ୍ଥାନୀୟ ଅଞ୍ଚଳର ମୌଳିକ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ଏବଂ ସେଗୁଡ଼ିକର ସମାଧାନ ପାଇଁ ଜନସାଧାରଣଙ୍କ ସହ ମିଶି କାର୍ଯ୍ୟ କରିବା ଉପରେ ଜିଲ୍ଲା ସଭାପତି ଶ୍ରୀ ଜୟସୂର୍ଯ୍ୟ କାନୁନଗୋ ଗୁରୁତ୍ୱାରୋପ କରିଥିଲେ। ଭୁବନେଶ୍ୱରରେ ଦାୟିତ୍ୱରେ ଥିବା ରାଜ୍ୟ ସଙ୍ଗଠନ ସମ୍ପାଦକ ଶ୍ରୀ ସନ୍ଦୀପ୍ତ ଦାସ୍ ୱାର୍ଡ ସ୍ତରୀୟ ସମସ୍ୟା ଓ ଏହାର ସମାଧାନ ମାଧ୍ୟମରେ ତୃଣମୂଳ ସ୍ତରରେ ସକ୍ରିୟ ରହିବାକୁ କର୍ମକର୍ତ୍ତାଙ୍କୁ ନିବେଦନ କରିଥିଲେ।

ଏଥିସହ ଆସନ୍ତା ୧୦ ତାରିଖରେ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ୱାର୍ଡର ପ୍ରତିନିଧି ଓ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ମିଳିତ ବୈଠକ ଆୟୋଜନ କରିବା ନିମନ୍ତେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ଏହି ସାଂଗଠନିକ ବୈଠକର ରାଜ୍ୟ ସଙ୍ଗଠନ ସମ୍ପାଦକ ଶ୍ରୀ ଶ୍ରୀକାନ୍ତ ପାଣି, ଶ୍ରୀ ସିଦ୍ଧାର୍ଥ ପରିଡ଼ା,ଶ୍ରୀ ଲଳିତ ଅଧିକାରୀ, ଶ୍ରୀ ଶାରଦା ଦାଶ,ଶ୍ରୀ ଶୈଳେନ୍ଦ୍ର ସ୍ୱାଇଁ, ଶ୍ରୀ ଲଲାଟ ଜେନା, ଶ୍ରୀ ଜୟରାମ ମଲ୍ଲିକ, ଶ୍ରୀ ସୁପ୍ରାଜ ଦିଗାଲ, ଶ୍ରୀମତୀ ଜ୍ୟୋତିର୍ମୟୀ ନାୟକ, ଶ୍ରୀମତୀ ଅଞ୍ଜଳି ନାଥ, ଶ୍ରୀ ଜିପ୍ରାସ୍ ଦିଗାଲ, ଶ୍ରୀ ସଲମାନ୍ ଖାନଙ୍କ ସମେତ ଜିଲ୍ଲା ସଙ୍ଗଠନର ବହୁ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ବୈଠକକୁ ସଫଳ କରିଥଲେ।

## "ସେବା ହିଁ ସଂକଳ୍ପ ଏବଂ ବିକାଶ ହିଁ ଲକ୍ଷ୍ୟ"କୁ ଆଧାର କରି 'ବିକଶିତ ଭାରତ' ନିର୍ମାଣ ପାଇଁ ଭାରତବର୍ଷ ଦୃତ ଗତିରେ ଆଗେଇ ଚାଲିଛି : ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ



ଭୁବନେଶ୍ୱର ୫/୧୦: ନାଟକ ବା ପଥପ୍ରାନ୍ତ ନାଟକ ଜରିଆରେ ସରକାରଙ୍କ କଲ୍ୟାଣକାରୀ ଯୋଜନା ଓ ବିକାଶମୁଳକ କାର୍ଯ୍ୟଗୁଡିକୁ ଲୋକଙ୍କ ପାଖରେ ପହଂଚାଇବା ଉଦ୍ଦେଶ୍ୟରେ 'ନମୋ ସେବା ଗାଥା'ର ପ୍ରଦର୍ଶନ ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିବା ସହିତ ସେବା ହିଁ ସଂକଳ୍ପ ଏବଂ ବିକାଶ ହିଁ ଲକ୍ଷ୍ୟ କୁ ଆଧାର କରି ବିକଶିତ ଭାରତ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତବର୍ଷ ଦୃତ ଗତିରେ ଆଗେଇ ଚାଲିଛି ବୋଲି ନବନିଯୁକ୍ତ ରାଜ୍ୟ ପ୍ରଭାରୀ ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷା ଓ ସାଂସଦ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ କହିଛନ୍ତି। ଦୁଇ ଦିନିଆ ଓଡିଶା ଗସ୍ତରେ ଆସିଥିବା ଶ୍ରୀମତୀ ପୁରନ୍ଦେଶ୍ୱରୀ ଏବଂ ସହପ୍ରଭାରୀ ତଥା ରାଷ୍ଟ୍ରୀୟ ସଂପାଦକ ଡ.ସ୍ୱଦେଶ ସିଂହ ରାଜ୍ୟରେ ଚାଲିଥିବା 'ସେବା ସଂକଳ୍ପ ଅଭିଯାନ" ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। 'ସେବା ହିଁ ପରମ ଧର୍ମ'ର ମହାନ ମନ୍ତ୍ରକୁ ପାଥେୟ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ୨୫ ବର୍ଷର ଜନସେବା ଯାତ୍ରାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଗତ ସେପ୍ଟେମ୍ବର ୧୭ ରୁ ଦେଶବ୍ୟାପୀ ଆରମ୍ଭ ହୋଇଥିବା "ସେବା ସଂକଳ୍ପ ଅଭିଯାନ-୨୦୨୬" ଅନ୍ତର୍ଗତ 'ନମୋ ସେବା ଗାଥା - ପଥପ୍ରାନ୍ତ ନାଟକ' କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଭାରୀ ଶ୍ରୀମତୀ ପୁରନ୍ଦେଶ୍ୱରୀ ଏବଂ ସହପ୍ରଭାରୀ ଡ.ସିଂହ ଯୋଗ ଦେଇଥିଲେ। ଖୋର୍ଦ୍ଧା ଜିଲ୍ଲା ଜଟଣୀ ନିକଟସ୍ଥ ଜାମୁକୋଳିଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତି, ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ, ରାଜ୍ୟ ସାଧାରଣ ସଂପାଦିକା ଶ୍ରୀମତୀ ପୂର୍ଣ୍ଣିମା ନାୟକ, ରାଜ୍ୟ ପ୍ରକୋଷ୍ଠ ସମୂହ ସହ ସଂଯୋଜକ ଶ୍ରୀ ସୁଦୀପ୍ତ ରାୟ, ଖୋର୍ଦ୍ଧା ଜିଲ୍ଲା ସଭାପତି ଶ୍ରୀ ବିଶ୍ୱରଂଜନ ବଡଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଦୁଇ ଦିନିଆ ଓଡିଶା ଗସ୍ତରେ ଥିବା ରାଜ୍ୟ ପ୍ରଭାରୀ ଶ୍ରୀମତୀ ପୁରନ୍ଦେଶ୍ୱରୀ ଏବଂ ରାଜ୍ୟ ସହପ୍ରଭାରୀ ଡ.ସିଂହ ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି ଓ ପ୍ରଭାରୀ ଏବଂ ପ୍ରକୋଷ୍ଠ ସମୂହ ସଂଯୋଜକ ଏବଂ ସହସଂଯୋଜକଙ୍କ ବୈଠକ କରି ଆଲୋଚନା କରିଥିଲେ। ଏହା ପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀମଣ୍ଡଳର ସଦସ୍ୟବୃନ୍ଦଙ୍କ ସହ ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟକୁ ଗୁରୁତ୍ୱ ଦେଇ ଚର୍ଚ୍ଚା ଓ ଆଲୋଚନା କରିଥିଲେ। ଦଳର ସାଂଗଠନିକ କାର୍ଯ୍ୟକ୍ରମ, ଆଗାମୀ କାର୍ଯ୍ୟସୂଚୀ, ବିଭିନ୍ନ ମୋର୍ଚ୍ଚାଗୁଡିକର କାର୍ଯ୍ୟଦକ୍ଷତା ଏବଂ ତୃଣମୁଳସ୍ତରରେ ଦଳକୁ ଅଧିକ ସୁଦୃଢ଼ କରିବାର ବିଭିନ୍ନ ଦିଗ ସଂପର୍କରେ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ଜନସାଧାରଣଙ୍କ ନିକଟତର ହେବା ଏବଂ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଏବଂ ରାଷ୍ଟ୍ରୀୟ ସଭାପତି ଶ୍ରୀ ନୀତିନ ନବୀନଙ୍କ ନେତୃତ୍ୱରେ ଓଡିଶାରେ ବିଜେପି ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଦିଲ୍ଲୀ ପ୍ରତ୍ୟାବର୍ତ୍ତନ ପୂର୍ବରୁ ପ୍ରଭାରୀ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ ଏବଂ ସହପ୍ରଭାରୀ ଡ.ସ୍ୱଦେଶ ସିଂହ ଆଜି ପ୍ରଭୂ ଶ୍ରୀ ଲିଙ୍ଗରାଜଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ।

## ସ୍କୁଲ, ମେଡିକାଲ ଓ ପମ୍ପ ହାଉସ ବିଜୁଳି ନ କାଟିବାକୁ ଦାବି -ଓଡିଶା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘ

ଭୁବନେଶ୍ୱର.୫/୧୦:ଟାଟା ପାୱାର ପକ୍ଷରୁ ମନମାନି ଜାରି ରହିଛି. କେତେବେଳେ ସ୍ମାର୍ଟ ମିଟର ନାଁ ରେ ଉପଭୋକ୍ତାଙ୍କ ଲାଇନ କାଟି ଦିଆ ଯାଉଛି. କେତେବେଳେ ବିଲ ବାକି ନାଁ ରେ ସ୍କୁଲ, ହସ୍ପିଟାଲ ଓ ଉଠା ଜଳସେଚନ କିମ୍ବା ପାନୀୟ ଜଳ ପମ୍ପ ହାଉସର ଲାଇନ କାଟି ଦେବାର ଖବର ଗଣମାଧ୍ୟମରେ ପ୍ରକାଶ ପାଉଛି. ଲାଇନ କାଟିଗଲେ ଘଣ୍ଟା ଘଣ୍ଟା ଅନ୍ଧାର ରହିଲେ କେହି ଶୁଣିବାକୁ ନାହିଁ. ପାୱାର କଟ ନିତିଦିନିଆ ଘଟଣା ହେଲାଣି ବୋଲି ଓଡିଶା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘ ଅଭିଯୋଗ କରିଛି. ମହାସଂଘର ଅଧ୍ୟକ୍ଷ ପଞ୍ଚାନନ କାନୁନଗୋ ଓ ସମ୍ପାଦକ ରବି ଏକ ପ୍ରେସ ବିବୃତି ଦେଇ ସରକାର ତୁରନ୍ତ ଏ ଭଳି ଘଟଣାରେ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି. ।

### କଳିଙ୍ଗସେନାର ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି କମିଟି ବୈଠକ

## ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ଉପରେ ଆଲୋଚନା



ଭୁବନେଶ୍ୱର, ୫/୧୦: ଆସନ୍ତା ନଭେମ୍ବର ୭ରେ କଳିଙ୍ଗସେନା ତାହାର ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଥିବା ବେଳେ ସେଥି ପାଇଁ ଦଳର ପ୍ରସ୍ତୁତି କମିଟି ବୈଠକ ଆଜି ଦଳ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଦଳର ପ୍ରତିଷ୍ଠା ଦିବସ ସମେତ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଏଥିରେ ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ହୋଇଥିବା ନେଇ ସୂଚନା ଦେଇଛନ୍ତି ସେନା ସୁପ୍ରିମୋ ହେମନ୍ତ ରଥ ।

ଶ୍ରୀ ରଥ କହିଛନ୍ତି ଯେ, ଆସନ୍ତା ନଭେମ୍ବର ୭ତାରିଖରେ ଦଳର ପ୍ରତିଷ୍ଠା ଦିବସକୁ ପାଳନ କରାଯିବା ସହିତ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୧୦ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ କଳିଙ୍ଗରନ୍ ସମ୍ମାନ ପ୍ରଦାନ କରାଯିବ । ସେହିଭଳି ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଦଳ ତାହାର ଶକ୍ତି ପ୍ରଦର୍ଶନ କରିବ ବୋଲି ଦଳର ଉପ ସଭାପତି ହେମନ୍ତ ସିଂହ କହିଛନ୍ତି । ସେଥିପାଇଁ ଦଳର ପ୍ରତିଟି କର୍ମୀ ପ୍ରସ୍ତୁତ ହେବା ପାଇଁ ସେ ପରାମର୍ଶ ଦେବା ସହିତ କର୍ମୀମାନଙ୍କୁ ଜନସମ୍ପର୍କ ଉପରେ ଫୋକସ ଦେବା ପାଇଁ କହିଛନ୍ତି । ସେହିଭଳି ଜିଲ୍ଲା ପରିଷଦ ପ୍ରାର୍ଥୀ ଚୟନରେ ଶିକ୍ଷିତ ମହିଳାମାନଙ୍କୁ ଗୁରୁତ୍ୱ ଦେବା ପାଇଁ ଶ୍ରୀ ରଥ ନିର୍ଦ୍ଦେଶ ଦେଇଛନ୍ତି । ପ୍ରସ୍ତୁତି କମିଟି ବୈଠକରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଆସିଥବା ଶତାଧିକ ପ୍ରତିନିଧି ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳକୁ ଅଧିକ ମଜବୁତ କରିବା ପାଇଁ ସୁପ୍ରିମୋଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

ଉଲ୍ଲେଖନୀୟ ଯେ, କଳିଙ୍ଗସେନା ସବୁବେଳେ ଓଡିଶାର ଯୁବକ ଯୁବତୀମାନଙ୍କୁ ଅଗ୍ରାଧିକାର ଦେଇ ଆସିଛି । ନିଯୁକ୍ତି କ୍ଷେତ୍ରରେ ସେମାନଙ୍କୁ ପ୍ରାଧାନ୍ୟ ଦେବା ସହିତ ଆତ୍ମନିର୍ଭରଶୀଳ ହେବା ପାଇଁ କିଭଳି ବ୍ୟାଙ୍କମାନେ ଅଧିକରୁ ଅଧିକ ଋଣ ପ୍ରଦାନ କରିବେ ସେଥି ପାଇଁ ଦଳ ପକ୍ଷରୁ ବିଭିନ୍ନ ସମୟରେ ଦାବି ହୋଇ ଆସୁଛି । ଦଳ କିଭଳି ଆଗାମୀ ଦିନରେ ଅଧିକରୁ ଅଧିକ ଭାବେ ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ ଶ୍ରୀ ରଥ ନିର୍ଦ୍ଦେଶ ଦେଇଛନ୍ତି । ଆଗାମୀ ତ୍ରିସ୍ତରୀୟ ନିର୍ବାଚନରେ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଚୟନ କରି ସେମାନଙ୍କ ନାମ, ଶିକ୍ଷାଗତ ଯୋଗ୍ୟତା, ଯଦି ସେମାନଙ୍କ ନାମରେ ମାମଲା ଥାଏ ତେବେ ତାହାର ସମ୍ପୂର୍ଣ୍ଣ ବିବରଣୀ, ଆଗ୍ରହୀ ପ୍ରାର୍ଥୀଙ୍କର ଭୋଟରଙ୍କ ସହିତ କିଭଳି ସମ୍ପର୍କ ରହିଛି, ସାମାଜିକ କାର୍ଯ୍ୟରେ ସେମାନେ କେତେ ସକ୍ରିୟ ରହିଛନ୍ତି ତାହାର ବିବରଣୀ ସେନା ମୁଖ୍ୟାଳୟକୁ ପଠାଇବା ପାଇଁ ଜିଲ୍ଲା ସଭାପତିମାନଙ୍କୁ ସେନା ସୁପ୍ରିମୋ କହିଛନ୍ତି । ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ଏହି ଚୟନ ପ୍ରକ୍ରିୟାକୁ ଶେଷ କରିବା ପାଇଁ ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ରାଜ, ଇଂ ମନୋଜ ନାୟକ ଏବଂ ଇଂ ସ୍ୱତାଶ ରଞ୍ଜନ ସାହୁ, ଅଶୋକ ସାହୁ ଏବଂ ପୂର୍ଣ୍ଣଚନ୍ଦ୍ର ସାହୁ, ମୋନାଲିଶା ବିଶ୍ୱାଳ, ଶସ୍ମିତା ପାହାଡ ସିଂଙ୍କୁ ଦଳ ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯାଇଛି।

### ୭ମ ଓଡ଼ିଶା ଟ୍ରାଭେଲ୍ ବଜାର ୨୦୨୬ର ସଫଳ ଆରମ୍ଭ

## ଓଡ଼ିଶାର ପର୍ଯ୍ୟଟନ ବିକାଶକୁ ନୂତନ ଉଚ୍ଚତାକୁ ନେବାରେ ମାଇଲଖୁଣ୍ଟ ହେବ : ଦିଲୀପ ମଲ୍ଲିକ

ଭୁବନେଶ୍ୱର,୫/୧୦: ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଐତିହ୍ୟ, ଖାଦ୍ୟ, ବୋଇତ ବନ୍ଦାଣର ସ୍ମୃତି ଏବଂ ମନୋରମ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ବିଶ୍ୱ ଦରବାରରେ ଏକ ନୂତନ ପରିଚୟ ପ୍ରଦାନ କରିବା ସହ ରାଜ୍ୟକୁ ପୁଞ୍ଜିନିବେଶ ଆକୃଷ୍ଟ କରିବା ଲକ୍ଷ୍ୟରେ ଗତକାଲି ଶୁଭାରମ୍ଭ ହୋଇଥିବା '୭ମ ଓଡ଼ିଶା ଟ୍ରାଭେଲ୍ ବଜାର ୨୦୨୬' ପାଇଁ ରାଜ୍ୟ ସରକାର ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏବଂ ରାଜ୍ୟ ସରକାରଙ୍କୁ ରାଜ୍ୟ ବିଜେପି ତରଫରୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ଦିଲୀପ ମଲ୍ଲିକ କହିଛନ୍ତି।

ଏହି ଆନ୍ତର୍ଜାତୀୟ ସ୍ତରର ମଂଚ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ଏକ ଅଭୂତପୂର୍ବ ଆଲୋଡ଼ନ ସୃଷ୍ଟି କରିଛି। ଦେଶ ଓ ବିଦେଶରୁ ଆସିଥିବା ନାମୀଦାମୀ ଟ୍ରାଭେଲ୍ ଅପରେଟର, ପୁଞ୍ଜିନିବେଶକ ଏବଂ ପର୍ଯ୍ୟଟନ ଶିଳ୍ପ ସହ ଜଡ଼ିତ ବିଶେଷଜ୍ଞମାନଙ୍କୁ ଏକାଠି କରିବାରେ ଏହି ଆୟୋଜନ ଅତ୍ୟନ୍ତ ସଫଳ ହୋଇଛି। ଓଡ଼ିଶାର ନଦୀ, ସମୁଦ୍ର, ଜଙ୍ଗଲ, ବନ୍ୟପ୍ରାଣୀ, ଆଧ୍ୟାତ୍ମିକ ପୀଠ ଏବଂ ଜନଜାତି ସଂସ୍କୃତିକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ରାଜ୍ୟ ସରକାରଙ୍କ ଏହି ପ୍ରୟାସ ପ୍ରଶଂସନୀୟ। ଏହି ଟ୍ରାଭେଲ୍ ବଜାର ମାଧ୍ୟମରେ ହୋଟେଲ୍, ହୋମ୍-ଷ୍ଟେ, ଇକୋ-ଟୁରିଜମ୍ ଏବଂ ଭିତିଭୂମି ବିକାଶ କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶର ସମ୍ଭାବନା ସୃଷ୍ଟି ହୋଇଛି। ଏହାଦ୍ୱାରା ରାଜ୍ୟର ସ୍ଥାନୀୟ ଯୁବକଯୁବତୀମାନଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ନୂତନ ନିଯୁକ୍ତି ଏବଂ ସ୍ୱାବଲମ୍ବନର ପନ୍ଥା ଫିଟିବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି।

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଏବଂ ବିଜେପି ସରକାରଙ୍କ ନୀତିଗତ ନିଷ୍ପତ୍ତି ଯୋଗୁଁ ଓଡ଼ିଶା ଆଜି ଦେଶର ଅନ୍ୟତମ ପ୍ରମୁଖ 'ଟୁରିଜମ୍ ହବ୍' ଭାବେ ଗଢ଼ିଉଠୁଛି। ରାଜ୍ୟରେ ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଇଁ ୫୫୦୦ ଏକର ପରିମିତ ଏକ ବିଶାଳ ଲ୍ୟାଣ୍ଡ ବ୍ୟାଂକକୁ ରାଜ୍ୟ ସରକାର ମଞ୍ଜୁର ପ୍ରଦାନ କରିଛନ୍ତି। ସେହିଭଳି ରାଜ୍ୟରେ ଗୁଣାତ୍ମକ ମୌଳିକ ଭିତ୍ତିଭୂମିର ବିକାଶ ତଥା ହୋଟେଲ ନିର୍ମାଣ ନିମନ୍ତେ ୨୦୨୬ରୁ ୨୦୩୧ ମସିହା ମଧ୍ୟରେ ୧୫୦୦ କୋଟି ଟଙ୍କାର ବଜେଟକୁ ମଧ୍ୟ ମଞ୍ଜୁର ପ୍ରଦାନ କରିଛନ୍ତି। ରାଜ୍ୟକୁ ଆସୁଥିବା ଅତିଥିଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ରାଜ୍ୟର ୨୯ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ଟୁରିଷ୍ଟ ପୋଲିସ ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛନ୍ତି ରାଜ୍ୟ ସରକାର। ଓଡ଼ିଶାର ପର୍ଯ୍ୟଟନ ବିକାଶକୁ ନୂତନ ଉଚ୍ଚତାକୁ ନେବା ଏବଂ ରାଜ୍ୟ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଶ୍ରୀ ମଲ୍ଲିକ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati
Executive Editor : Satyajit Mohapatra
Managing Editor : Jitendra Ku. Pati